

# ବିକଶିତା

ଶ୍ରୀ ଇନ୍ଦ୍ରମଣି ଧଳାଇ ।

୧୯୫୫

ମୂଲ୍ୟ ୨।

ପ୍ରଥମ ସଂସ୍କରଣ—୧୦୦୦

ସର୍ବସ୍ୱତ୍ୱ ସଂରକ୍ଷିତ

ମୁଦ୍ରକ
ଶ୍ରୀ ସତ୍ୟନାରାୟଣ ସିଂହ,
କୃଷ୍ଣା ପ୍ରିଣ୍ଟିଙ୍ଗ ପ୍ରେସ,
ଜୁଗସିଲ୍ଲଇ, ଝାଝାନଗର ।

17 JUL 1959



ପୁଣେଢା

# ସୂଚୀ


| ବିଷୟ | ପୃଷ୍ଠା |
|---|---|
| ବିକଶିତା ... ... ... | ୧ |
| ହେ ମାନବ ... ... ... | ୫ |
| ବରଷା ସୁନ୍ଦରୀ ... ... ... | ୯ |
| ଶରତେ ଧରଣୀ ବାଳା ... ... | ୧୩ |
| ସହର ଧାରେ ସନ୍ଧ୍ୟା ... ... ... | ୧୭ |
| ସାଗର ଦ୍ୱୀପରେ ଘୁମେଇ ପଡ଼ିଛି ସାଗର ରାଣୀ ... | ୨୩ |
| ସଞ୍ଜ କବିତା ... ... ... | ୨୮ |
| ରୂପ ... ... ... | ୩୩ |
| କ୍ଷୁଧା ... ... ... | ୩୭ |
| ମୋ ଫୁଲଟି କାହିଁ .. ... ... | ୩୯ |
| ପଲ୍ଲୀ ... ... ... | ୪୧ |
| କେନ୍ଦ୍ର ... ... ... | ୪୮ |
| ଶାଖା ନଦୀ ... ... ... | ୫୧ |
| କବରତଳେ ... ... .. | ୫୫ |
| ସକାଳ .. .. ... | ୫୯ |
| ଯୌବନର ଇଙ୍ଗିତ ... ... ... | ୬୫ |
| ବନ୍ଧୁ ... ... ... | ୬୮ |

| | |
|---|---|
| ତରୁଣୀ ବଧୂର ଲଜ୍ଜ ... ... ... | ୭୨ |
| ଉପେକ୍ଷିତା ... .. ... | ୭୬ |
| ରାତ୍ରି ଗୋଟିକର ଅତିଥି ... ... ... | ୮୧ |
| ପରକୀୟା ... ... ... | ୯୨ |
| ରାଇ ବିନୋଦିନୀ ... ... ... | ୧୦୦ |
| ଯଦି ଏତେ ଗୋ ସରମ ଲାଗେ ... ... | ୧୦୪ |
| ମରମ ଗୀତ ... ... ... | ୧୦୭ |
| ଦମ୍ପତିର ଅର୍ଦ୍ଧ ନିଶା ... ... ... | ୧୦୯ |
| ପ୍ରତିମା ବିସର୍ଜନ ... ... ... | ୧୧୩ |
| ପାପ ଫଳ ... ... ... | ୧୧୫ |
| ବନ୍ଧୁର ପଥ ସାଥୀ ... ... ... | ୧୧୮ |
| ସେ ଆଉ କେତେ ଦିନ ... ... | ୧୨୧ |

7 JUL 1959

# ବିକଶିତା

ନୀଳ ପରବତ ନୀଳିମାରେ ଚୁମା ଦିଏ,
ଅସୀମ ଗଗନ ସବୁଗରେ ନୋଇଁ ମଥା;
ଅସ୍ଫୁଟ ସମୀର ସଉରଭ ହରିନିଏ,
ଫୁଲ କାନେ କହି ମନ ଭୁଲାଣିଆ କଥା ।

ନିର୍ଜନ-ପୁଳିନେ ଲହରୀ ମାଳିକା ଡୋଳି,
ନାଚିଯାଏ ଦୂରେ ନଈର ଅଛୁଣ୍ଡା ସୁଅ;
ପଲ୍ଲୀ ପଥେ ଚଳେ ପଲ୍ଲୀ ସୋହାଗିନୀ ଗୋରୀ,
କୋକିଳ ଡାକଇ—"ଆଗୋ ବୋହୂ କଥା କୁହ !"

ତପ୍ତ ବାଲିରେ ମରୀଚିକା ରଚେ ନାଟ,
ଅଜଣା ପଥିକ ଆଦରୁଛି ତରୁ ଛାଇ;
ଦୂର ଗାଁଆ କୁଆ ଝୁମ୍ପୁରୁ-ଘୁମୁଣି-ବାଟ,
ସପନେ ଅଧରେ କ୍ଷଣେ କ୍ଷଣେ କରେ ବାଣ୍ଟ !

ବରଗଛ ଛାଇ ମନ୍ଥଇ ସରସୀ ଜଳେ
ପାଣି ହଂସ ନଖଲେ, କାହାର ବଁଇଶୀ ଛୁଟୁ
ମଉନର ଭାଷା ନିସ୍ତଟିଆ ବନଫୁଲୁ,
ଶ୍ରାନ୍ତି ପବନରେ ଭାସି ଆସେ କେଉଁ ସୁରୁ ।

କେଉଁ ଗରଭିଣୀ କରଇ ଆର୍ତ୍ତନାଦ
ପ୍ରତିଧ୍ୱନି ତାର ଗଗନେ ଯାଉଛି ମରି,
ଘନ ଘନ ଉଷ୍ଣ ନିଶ୍ୱାସେ ପରମାଦ
ଦୋହଲଇ ଦିଏ ସମୀରଣେ ଚଷ ଚେରି ।

ନିଷ୍ପ୍ରଭ ତାର ଭାଗ୍ୟରେଖା ନୟନର
ଆକାଶେ ଘୋଟାଏ ନିବିଡ଼ କାଳିମା ଦାଗ,
ବେଦନା ଆଞ୍ଚୁରେ ଚମକେ ଥରକୁ ଥର
କନକ-ଚପଳା ଅଧରେ ଫୁଁର ଦାଗ ।

ଝୁମ୍ପେଳି ବଣରୁ ଅସରା ଅସରା ମେଘ
ଦୂର ପଥ ଘୋଟେ ସଜାଳି ପଣିଆ ମେଲି,
କାନ୍ଦି କାନ୍ଦି ଯାଏ ତାଳି ଦେଇ ଉଦ୍‌ବେଗ,
ଟପ ଟପ ଟପ ଠେଲି ଧାଏ ନାଳି କେଳି ।

ଧାଣ୍ଡରେ ଛୁଟିଲେ ଗୋଲାପୀ ବରଷା ପାଣି,
ବୁଦ୍‌ବୁଦା ତାର ମନ କଥା କହିଯାଏ
କେଉଁ ପ୍ରସୂନର ସୂଚିକା ଚଟୀ କାଟି
ଧାଇଁମା ସ୍ଫଟିକା ଭଣ୍ଡାର ଖୋଇ ଯାଏ ।

ଇନ୍ଦ୍ରଧନୁର ଛବିଳ ପରଦା ତଳେ,
ଶିହରି ଉଠଇ ବାଦଲର ବ୍ୟାକୁଳତା,
ସଜଳ ପବନେ କଜ୍ଜଳ-ଅଞ୍ଜନ ପରେ
ଉଚ୍ଛୁଳି ଉଠଇ ବଧୂର ନୟନ ପତା ।

ଧୂସର ବାଦଲେ ଲୁଚିଲା ଚନ୍ଦ୍ରାନନ
ଝଜୁରି ଗଛର ଉହାଡ଼ରେ ଉଙ୍କିମାରେ,
ଭଙ୍ଗାଗୃହ ପରେ ବରଷାର ଅଭିମାନ
ଜନ୍ମିଲା ଭୁଇଁରେ ଝୁରଇ ବେଦନା ଭରେ ।

ଝିଙ୍କାରି ପୋକର ଘୁମଭରା ଗୀତ ଶୁଭେ
ଓଦା ମାଟି ଗନ୍ଧେ ଉତଲା ପବନ ମାତେ,
ଭଙ୍ଗା ବନ୍ଧପରେ ପୁନରପି ଗୁନ୍ଥିଲୁଚେ,
ସାଥୀହରା ପକ୍ଷୀ କାନ୍ଦି ଉଠେ ଘନ ଘଟେ ।

ଆଜି ଏଥି ପୁରେ ଜନମ ନେଲା କେ ଆସି,
ନାଚିଗଲା କିଏ ବିଲ ବଣ ନଈ ପରେ
ଝାରି ଦେଲା କିଏ ଆନନ୍ଦ-ଅଶ୍ରୁ ବୃଷ୍ଟି,
ସରସାଇ ଦେଲା କଳ୍ପନା ମାଟିପରେ !

ନବାଢ଼ ଧନର ତୁଙ୍ଗ ଶିଖରୀ ଚୁମି
ସବୁଜ ରତନ କନ୍ୟାଟି ଦେଖା ଗଲା
ତରୁଣୀ ଉଷାର ଅରୁଣ ରଞ୍ଜିତ ଭୂମି—
ଉପରେ ଶୋଇଛି ନବୀନା ଭୂମିଷ୍ଠା ବାଳା ।

ଚେତନା-ହୀନାର ନିଷ୍ପନ୍ଦ ବକ୍ଷେ ଶୋଇ
ଧୀର ଧୀର ହାସେ ଆଗୋ ନବ ବନଶିଖା !
ଚପଳ ଚରଣ ନାଚି ନବରଙ୍ଗେ ଥୋଇ,
ମାଟିର ଉରସେ ଲୁହ ଲିଭା ମନ କଥା !

ସୁଷମାକୁ ଦେଇ ସବୁଜ ବରଣ ଆଜି
ଆସିଛୁ କିଶୋରୀ ବିକଚ ରୂପସୀ ସମ,
କେବେ ଗାଲ ଅଙ୍ଗେ ଯଉବନ ଦେଇ ସାଜି
ବିକଶି ଉଠିବ ଏଥୁ ଘରେ ନିରୁପମ ।

ଯେ ଦିଗେ ନିରେଖେ ସେ ଦିଗେ ଭ୍ରମର ଛବି
ଘୁରୁ ମହୁମାରେ ସଘନେ ଉଠିଛି ଫୁଟି
ସେଥୁ କେ ଭବେ କିବା ଗୌରବ ଲଭି !
କରୁଣ ବିରହେ ମାନସ ପଳାଏ ଛୁଟି ।

ସଦା କଉତୁକୀ ନିଜ ଛବି ଦରପଣେ
ଭାବ ସଲିଳକୁ ନୟନ ନେଇଛି ଟାଣି,
ଚଉଦିଗେ ତୁମେ ଫୁଟିଛ ମାଧୁରୀ କଣେ,
ବିକାଶ ମଣ୍ଡଳେ ଆଗୋ ବନଶିଖା ରାଣୀ ।

# ହେ ମାନବ

ହେ ମାନବ !

ତୁମେ ଆସିଲ ଯେଦିନ ଧରଣୀ ପରେ
ସୃଷ୍ଟିର ହେଲା ଚରମ ବିକାଶ,
ଧାତାର ସ୍ୱର୍ଣ୍ଣ ଲେଖନୀ ମୁନରେ;
ଅଳସୀ ମୌନା ପ୍ରକୃତି ବାଳା ତୁମରି ଆଗେ
ତପସ୍ୱିନୀ ପ୍ରାୟ ବସି ରହିଥିଲା ଅବନୀ ଭିତେ
ତୁମରି ଆଶିଷ ଭରସା କରି
ସ୍ୱାଗତ ତୁମରି ମନ୍ତ୍ର ଧରି
ଆପଣା ଘରେ—
ହେ ମାନବ ! ତୁମେ ଆସିଲ ଯେଦିନ ଧରଣୀ ପରେ ।

ତାପସୀ ଭରସେ ଦେଖିଲ ଯେଦିନ ସ୍ନେହିତ ସ୍ୱପ୍ନ
ଅସୀମର ଛବି ସନ୍ଧାନ ଆସି ଅନ୍ତରେ ତୁମ ଲାଗିଲା ଦାଗ
ସଜ ଗୋଧୂଳିର ବନାନୀ ବୁକେ,
ଚୟନ କରିଲ ପୁଷ୍ପ ଗୋଟିଏ, ଆପଣା ସୁଖେ
ବାହୁନେ ଯେବେ ଅନାଇ ରହିଲ ଊର୍ଦ୍ଧ୍ୱାକାଶେ
ସ୍ୱର୍ଣ୍ଣ ଖଚିତ ଓଢ଼ଣୀ ସମ
ଚନ୍ଦ୍ର ତାରାର ବଉଦ ଭାସେ ।

କୋଟି ଯୁଗତଳେ ଇତିହାସର ସେ ପ୍ରଥମ ଦିନ,
ତୁମରି ଅଶେଷ କଳନା ତଳେ ହୋଇଛି ଲୀନ,

ହେ ଚର ଭାବୁକ ସେ ଦିନୁ ଏବା
ଅଗଣିତ କେତେ ଯୁଗର କବିତା
ହେଲଣି ଲେଖା;
ତୁମରି ପରେ—
ହେ ମାନବ ତୁମେ ଆସିଲ ଯେଦିନ ଧରଣୀ ପରେ ।

ନଗ୍ନ ଶରୀରେ ବିହରୁ ଥିଲ ଏ ସବୁଜ ବନେ,
ଦୁର୍ଗମ ଗିରି ହିଂସ୍ର-ବିଷମ ବ୍ୟାଘ୍ର ଭଲ୍ଲୁକ ଶୃଗାଳ ସନେ;
ଢଙ୍କଣ କରି ସଦ୍ୟ ବଧିତ ପଶୁର ଦେହ
ବୃକ୍ଷ କୋଠରେ ଗିରି ଗହ୍ୱରେ
ଏକଦା ରଚିଲ ଆପଣା ଗେହ ।

ଯୌବନର ସେ ମଞ୍ଜୁଳ ଦିନେ ପଗ୍ରେଣ ଦେଖ
ସହସା ଜାଗିଲା ନିର୍ଝର ଗାନ ବିହଙ୍ଗ-କୂଳର କାକଳୀ ରବ ।
ଦୁଇ ନୟନରୁ ଗୋଟିଏ ଢାଳିଲ ଅବନୀ ତଳେ,
ଆରେକ ନୟନ ଚୁମ୍ବନ ଦେଲା ଚରିତ-ନଭ-ଶୂନ୍ୟ ଗଳେ ।
ବିଶ୍ୱ ଜାଣିଲା ସେ ଦିନ ପ୍ରଥମେ ତୁମେହିଁ ଖାଲି,
ଉତ୍କୃଷ୍ଟତମ ଏ ସୃଷ୍ଟି ଶୀର୍ଷରେ ଗର୍ବିତ ମଦେ ଯିବ ହେ ଚଢ଼ି ।
ତୁମ କବଳରେ ଶାସିତ ହୋଇବେ ସରବ ପ୍ରଜା,
ନିଖିଳ ପ୍ରାଙ୍ଗଣେ ଉଡ଼ିବ ତୁମରି ଗୌରବ-ଘନ-ତୁଙ୍ଗ-ଧ୍ୱଜା ।
ଏକଇ ପୃଥିବୀ ରହିଲା ସେ ଦିନ ସବୁରି ଲାଗି,
ସେ କେଉଁ ସ୍ୱରଗ ଭୁବନ-ରଚନେ
ତୁମରି ଚେତନା ଉଠିଲା ଜାଗି ।
ବିଧାତା କରେ—
ହେ ମାନବ ତୁମେ ଆସିଲ ଯେ ଦିନ ଧରଣୀ ପରେ ।

ତୁମରି କଣ୍ଠେ ଫୁଟିଲା ପ୍ରଥମେ ନିଖିଳ ଗୀତ,
ତୁମରି ନେତ୍ରେ ସାର୍ଥକ ହେଲା
କୋଟି ଭୁବନର ଅସୀମ ପ୍ରୀତି ।

ବର୍ଷା ବସନ୍ତ ଗ୍ରୀଷମ ନମିଲେ ତୁମରି ପାଶ,
ଅରୁଣ କିରଣ ମଙ୍ଗଳ ମରୁତେ
ତୁମେ କରିଇଲ ଆପଣା ଦାସ ।

ରୂପ ସୁଷମାକୁ ଦେଖାଇଲ ନିଜ ନୟନ ମଧୁ,
ସୃଷ୍ଟିର ପ୍ରତି ଛନ୍ଦେ ବନ୍ଦି
ସୃଷ୍ଟିର ହେଲ ପରାଣ ବନ୍ଧୁ ।

ମାଟିର ଗରଭୁଁ ଉଠାଇ ଆଣି ଖାଦ୍ୟ ତ୍ରାଣ
ଗଢ଼ିଲ ନଗରୀ ତୁଙ୍ଗ ଅଟ୍ଟାଳୀ
ଧର୍ମେ ପ୍ରଭୁର ଗୀତ୍ୟ ତାନ ।

ସାହିତ୍ୟ ଗଣିତ ବିଜ୍ଞାନ ଛଳେ
ମାନସ ଛନ୍ଦିଲ ଶାନ୍ତି ଅର୍ଗଳେ
ଆପଣାକୁ ଆପେ ସଂଯତ କଲ
ରଞ୍ଜିତ କଲ ଏ ଚରାଚରେ ।
ହେ ମାନବ ତୁମେ ଆସିଲ ଯେଦିନ ଧରଣୀ ପରେ ।

ତୁମେ ଆଣିଥିଲ ଜନମ ମୃତ୍ୟୁ ସବୁରି ପରି;
'ପ୍ରେମ' ବୋଲି କିନ୍ତୁ ଐଶ୍ୱର୍ଯ୍ୟ ଏକ
ଆଣିଲ ଗୋପନେ ପରାଣ ଭରି ।

ସେହି ଅମୃତେ ଅଞ୍ଜଳି ତୁମ ଭରିଦେଲ ବିଧି,
ଅନୁଭୂତିର ସେ ପରମ ରତ୍ନ
ତୁମ ଜୀବନର ଚରମ ସିଦ୍ଧି ।

ଜୀବନୁଁ ଭଲ ତା ସ୍ପର୍ଶ ମଧୁର,
ମରଣୁ ବଳି ତା' କରୁଣ ବ୍ୟଥା,
ତାହାରି ମନ୍ତ୍ରରେ ବଦଳ ପୃଥିବୀ
ଛନ୍ଦିଲ ଆପଣା ଜୀବନ-କଥା ।
ତା'ରି ମହିମାରେ ମହୀୟାନ୍ ହୋଇ ସୃଷ୍ଟି ତଳେ
ଆପଣାକୁ କଲ ଅକ୍ଷୟ, ଅମର,
ପ୍ରେମର ଅସୀମ ଶକତି ବଳେ—
ଅବଶ ତଳେ
ହେ ମାନବ ତୁମେ ଆସିଲ ଯେଦିନ ଧରଣୀ ପରେ ।

# ବରଷା ସୁନ୍ଦରୀ

ଭଗ୍ନ ବଉଦର ପଣତ ଉଡ଼ାଇ
ଆକାଶ ଗ୍ୱଇଜ ତଳେ,
ଶ୍ୟାମଳୀ ବରଷା ସୁନ୍ଦରୀ ଆଜି
ପ୍ରିୟ ଅଭିସାରେ ଚଳେ ।
ଗୋଧୂଳିର ହେମ ଚନ୍ଦ୍ରିକା ନାଇ
ଚପଳ ଚରଣ ନୂପୁର ବଜାଇ
କୁହେଳି ଝଡ଼ରେ ଅଳକ ଖେଳାଇ
ଗିରି କନ୍ଦର ପରେ—
ଆକାଶ ଗ୍ୱଇଜ ତଳେ ।

ବୁକୁତଳ ତାର ଆଶଙ୍କା ଜଡ଼ିତ
ମନ ହୁଏ ଗୁରୁ ଗୁରୁ,
ଥଳ ମଳ ପଦ ଟଳ ଟଳ ଆଖି
କୁଞ୍ଚିତ କଳା ଭ୍ରୂ ।

ନୟନେ ନୟନେ ଚକିତ ଚମକ,
ତଡ଼ିତ ଲତାର କ୍ଷଣିକ ଦମକ,
ପ୍ରଭଞ୍ଜନ ବେଗେ ଧ୍ୱନିତ ଠମକ,
ଭସି ଆସେ ହୁରୁ ହୁରୁ—
ମନ ହୁଏ ଗୁରୁ ଗୁରୁ ।

ଯୌବନ ମଦ୍ୟେ ଫେନିଳ ତରଙ୍ଗେ
ଉଚ୍ଛୁଳିତ ତାର ହୃଦୟ,
ମିଳନ ପ୍ରୟାସୀ ବଧୂଣ ଷୋଡ଼ଶୀ
ଅଶ୍ରୁ ମେଦୁର-ହ୍ରିୟା ।

ଅର୍ଦ୍ଧ ଉନ୍ମୋଚ୍ ଖସି ଉପାଣ
ଅର୍ଦ୍ଧ ବାସନା ଲଭିଛି ତ୍ରୟାଣ
ଲଜ୍ଜା ଭରେ ନମ୍ର ସରଣ
ଭ୍ରୁକ୍ଷ-ବିଳାସ-କ୍ରିୟା,
ଉଚ୍ଛୁଳିତ ତାର ହୃଦୟ ।

କୃଷ୍ଣ କୁନ୍ତଳ ଖଣ୍ଡ ଯାଏ ତୁଟେ
ଦୃପ୍ତ ଜଘନ ଦେଶୁଁ ;
ତାରକା ମୁକୁଳ ଖସି ପଡ଼ିଲେଣି
ନଷ୍ଟ ଚିକୁର-ଦେଶୁଁ ।

ତନ୍ଦ୍ରାରେ ତାହାର ଉଁଆସ ଜଡ଼ିମା
ତରସ ଅପାଙ୍ଗେ କରୁଣ ଭଙ୍ଗିମା
ଉତ୍କଣ୍ଠା ମନେ, ମାନେ ନାହିଁ ସୀମା,
ଧୂଆଁନ ହଜିଛି ବେଶୁଁ
ଦୃପ୍ତ ଜଘନ ଦେଶୁଁ ।

କାରୁଣୀ ଗଗନ-ସରଣୀ ବଲ୍ଲି
ଲାଜ ହେଲା ପରାଜୟ,
ଝୁଣ୍ଟି ପଡ଼େ ପାଦ ଲୁଣ୍ଠି ପଡ଼େ ହୃଦ୍ୟା
ଚଞ୍ଚ ହୁଏ ଅତିଶୟ ।

ଯାହାଁ ପ୍ରିୟତମ ତରୁଣ ଦୋସର,
ବିଳାସ ଭବନେ ଆହୃତ ବାସର,
ମଦନ-ଲେଖରେ ଭରି ଫୁଲଶର,
କରଛି ମଦଗ୍ରସ୍ତ—
ଟେକି ଦୁଏ ଅଙ୍ଗସ୍ତ !

ଟପ ଟପ ଲୁହ ନିଗିଡ଼ି ଆସଇ
ଆନତ ଗଣ୍ଡ ବାହି;
ବିଜନ ନଦୀର ବିଜନ କୂଳରେ
ଭୁଆସୁଣୀ ଅଛି ରହି ।

ବଙ୍କା ନଈ ସୁଅ ଲୁଟି ଗଲା ପରି
ଲୁଟି ଯାଉଅଛି ବାଳା ସୁଖ ସିରୀ
ଯେଉଁ ପାଇଁ ପିଏ ଗଲେ ଥାଳ ଧରି
ଦୂର ପରବାସେ ଯାହିଁ —
ଫେରି କି ଆସିବେ ନାହିଁ !

ସମବେଦନାରେ କୁସୁମ-କୁମାରୀ
ଝାରିଛି କୋମଳ ଗାତ,
ଏ ଘନ ବରଷା ନମାନି ଆସିବ
ଆଉ କି ମଧୁପ ସାଥୀ ।
ଖିନ୍ନ କପୋତୀର ଶଙ୍କିତ ମନ
ଜାଣେ ନ ଅଇଲା କପୋତ ରତନ,
ଥମକି ଆସଇ ଦ୍ରୁତ ସମୀରଣ,
ଜାଲ ନଭେ ମାଳ ମାଳ,
ଝାରିଛି ବରଷା ଗାତ ।

ଅଭିସାର ଆବେଗେ, ବାହୁଡ଼ିବାକୁ ପଥ
ପଡ଼ିବଣେ ନାହିଁ ତା ବଳ,
ଚୂର୍ଣ୍ଣିତ ତାର ଧୈର୍ଯ୍ୟ ମହିମା
ନୂତନ ଅଚପଳ ।

ବର୍ଷା ସୁନ୍ଦରୀ କ୍ଳାନ୍ତ ଚରଣେ,
ଢଳି ପଡ଼ିଲା ସେ ପର୍ବତ ବଣେ,
ନିଷ୍ଠୁର ପ୍ରିୟର ବାଞ୍ଛା ସ୍ମରଣେ,
ଆଖି ହେଲା ଜଳ ଜଳ—
ପଡ଼ିବଣେ ନାହିଁ ତା ବଳ ।

ଝର ଝର ଧାରେ ଝରିଲା ନୟନୁ
ଅଶ୍ରୁ କରୁଣତମ,
ପ୍ରିୟ ଲାଗି ତାର ଝରିତ ନୟନ
ବର୍ଷଣ ଆଜନମ ।

ତୁମେ ଯଦି ଯାଅ ଶିଖିବଣ ଦିନେ,
ସେଠି ପରବତ ଗହନ ବିପିନେ,
ଶୁଣିବ ଉଚ୍ଛଳ କ୍ରନ୍ଦନ ଗାନ,
ଝଙ୍କାର ଝମ ଝମ;
ତାହା, ବିରହଣୀ ବର୍ଷା ରାଣୀର ଅଶ୍ରୁ କରୁଣତମ ।

—୦୦୦—

# ଶରତେ ଧରଣୀ ବାଳା

ଶରତ ଆସିଛି ଦୁଆରେ ତାହାର
କବରୀ ମୁକୁଳା କରି,
ତଥାପି ଶୋଇଛି ଧରଣୀ-ବାଳିକା
ନଷ୍ଟ ଚେତନେ ଭରି ।
ଅଭିସାର ନିଶା ପ୍ରଭାତିଛି, ଆଜି
ଘୁମନ୍ତ-ପଲକ ତାର,
ଉନ୍ମୀଳି ନ ପାରେ ଆନତ ନୟନେ
ଅଳସ-ଦାରୁଣ-ଭାର ।
ଆନନ ଉରସେ ହରଷି ଉଠିଛି
ଶ୍ୟାମଳୀ-ସୌମ୍ୟ-ବ୍ରୀଡ଼ା ।
ସକଳ ଇନ୍ଦ୍ରିୟ କ୍ରନ୍ଦନ ଅଧୀର
ଅସୀମ ସ୍ମରଣେ ପୀଡ଼ା ।

ଲୋମେ ଲୋମେ ଶତ    ଝଲସି ଉଠିଛି
    ଚୁମ୍ବନର ଅବଦାନ,
ଏବେ ମଧ୍ୟ ତାର    ବିକଶ ବସନ
    କରୁଅଛୁ ଅଭିମାନ ।
ସେ ଯୌବନର    ନଷ୍ଟ ବିଳାସ
    ପ୍ରାବୃଟ ଅନ୍ଧାରେ,
ଝୁରି ଝୁରି ତାର    ନିପୀଡ଼ିତ ତନୁ
    ଆଜିରେ ମରଇ ଲାଜେ ।

ଭୁଲକ କେଉଁନେ    ପ୍ରିୟ ବରଷାର
    ଘନ ଆଶ୍ଲେଷ ଧାର,
ମାତୃ ଉଦରେ    ସଞ୍ଚାରି ଦେଲା ଯେ
    ସନ୍ତାନ-ଭ୍ରୂଣ ଭାର ।
ସେହି ବରଷାର    ଜମ୍ବୁ ଯାନ
    ଆକାଶେ ହେଲାଣି ଲୀନ,
ଗରଭିଣୀ ବାଳା    ଲାଜ ବହୁଳ
    ସାଜି ଅଛୁ ଉଦାସୀନ ।

"ଆଗୋ ମୁଦ୍ରିତ    ନୟନା ରୂପସୀ
    ଉତ୍ତୋଳି ମଥା ବାରେ,
ଶ୍ୟାମା ସୁକୁମାରୀ    ଧରଣୀ କୁମାରୀ"
    ଶରତ ଜାଗର ଦ୍ୱାରେ ।

"ଯାହା ପାଇଁ ତୁମେ   କଂଥା ଜର ଜର
ତାହାର ଆଦେଶ ଧରି,
ଆସିଛ ତୁମାର   ଭୂମିଷ୍ଠ ଶିଶୁର
ପ୍ରଜନନ କ୍ରିୟା କରି ।
ମାତାର ଗୌରବେ   ମଣ୍ଡିତ ତୁମେ
ବରଷାର ସହବାସେ,
ଶତ ସୃଷ୍ଟିର   ଜନନୀ ରୂପିଣୀ
ହସ ମୋ ସ୍ୱର୍ଣ୍ଣହାସେ ।
ଆଜି ଗୋ ତୁମର   ମହିମା ଗାନ୍ତୁ
ଶିରସ ଲବଣ୍ୟ ତନ୍ତୁ
ତୁମ ପ୍ରିୟ ଦଅ   ଏ ମୃଦୁ ସପନେ
ଧୋଇ ନଅ ଏହିକ୍ଷଣୁ ।
ମୁକୁଳିତ ବେଣୀ   ଶୁଖାଇବା ପାଇଁ
ଆଣିଛି କନକ-ଖରା,
ଅନଳ ଧବଳ   ବସନେ ସଜିବ
ନଅ କାଶତଣ୍ଡି ଝରା ।
ଅଳତା ଚରଣ   ଛୁଇଁ ଦଅ ମୋର
ସେଫାଳୀ-କାନନ ତଟରେ,
ଶିମୂଳୀ, କାମିନୀ   କରୁଣ ଦୋଷ
ହସିଲେଣି ଧୀରେ ଧୀରେ ।
ସ୍ନାନ ପରେ ପରେ   ଅଙ୍ଗେ ପ୍ରଲେପ
ଆଜି ତୁମ ଅଧିବାସେ,
ସକାଶେ ଭରିଛି   ଆକୁଳ ପବନ
ଅଫୁଟା କୁସୁମ ବାସେ ।

ତୁମ ଜାଗରଣ ବାର୍ତ୍ତା ପ୍ରେରଣେ
ଉଡ଼ାଇଛୁ ଲଘୁ ମେଘ,
ତଟିନୀ କୋଳରେ ନୀଳ ତରଙ୍ଗର
ଗୃହଁ କେତେ ଉଦ୍‌ବେଗ ।
ସୁନ୍ଦର ଚନ୍ଦ୍ରିକା ବିଛାଇ ରଚିବ
ନୈଶ୍ୟ ସପନ ଶଯ୍ୟା,
ଦେନ ଗୋ ନୟନେ ଶିଶିର-ମୁକ୍ତା-
ଅଞ୍ଜନ ତେଜ ଲଜ୍ଜା ।

\+ \+ \+

ଶରତର ଏହୁ ସ୍ୱାଗତ ମନ୍ତ୍ରେ
ମେଲିଲ୍ଲ ବଧୂର ଆଖି,
ସବୁଜ ପ୍ରିୟାର ଗନ୍ଧେ ଶରତ
ଦେଲ୍ଲକ ଚୁମ୍ବନ ଆଙ୍କି ।

# ସହରଧାରେ ସନ୍ଧ୍ୟା

ଥମି ଆସୁଥିଲା ସହରର କୋଳାହଳ,
ସହର ସୀମାନ୍ତେ ଗୋପାଳ ବସ୍ତୀ ପାରେ
ଭାସୁଥିଲ ସେବ ସନ୍ଧ୍ୟାର ସମୀରଣ
କଳ ସୁହାସିନୀ ପାହାଡ଼ିଆ ନଈଧାରେ ।

ଯାବତ ମଇଳା ବସ୍ତିର ଆବର୍ଜନା
ଗୋରୁ ମଣିଷଙ୍କ ଗୁହାଳର ଚଉପାଶେ
ପଚସ୍-ଗୋବର ଦୂଷିତ ଗନ୍ଧେ ଭରା;
ମଶକ ଦଂଶନ ଭାବେ ବେଗ ବାସ୍ପବାସେ ।

ଦିନର ଆଲୁଅ ଧୀରେ ଆସେ ଲିଭି ଲିଭି
ପଶ୍ଚିମ ପାହାଡ଼େ ଢଳି ପଡ଼େ ଅଂଶୁମାଳୀ
ଚୁପି ଚୁପି ଖୋଜେ ଆସଇ ରଜନୀରାଣୀ
ଅନ୍ଧାରେ ଅନ୍ଧାରେ ମିଞ୍ଜି ମିଞ୍ଜି ଦୀପ ଜାଳି ।

ଗୋପାଳ କୁଠୀରେ ଜଳ ଉଠେ ସଞ୍ଜବତୀ
ଘଷି ଚୁଲି ଭେଦ ଉଠଇ ଧୂଆଁ ର ଧାର
ନଈ ଅଡ଼ଙ୍ଗାରେ ଅରମା ବଣର ଶିଖେ
କୁହେଳି ଅନ୍ଧାରେ ମିଶି ହୁଏ ଏକାକାର ।

ଅଦୂରେ ସହରେ ବିସ୍ତୃତ କରମ-ଶାଳା
ଭୁଲି ମଜଦୁର ଦେଖାଏ ତା କାରିଗରୀ
ଚୂନ କୋଇଲର ଭଟି ପାଖେ ଆଠଘଣ୍ଟା
ଗତର ଖଟଇ ଯାକୁଡ଼ି ବେଲେଚ୍ ଧରି ।

ଲୁହା ସଙ୍ଗେ ଲଢ଼ି ଯାହା ତାର ହୁଏ ଚୂନା,
ଫଟା ଧାସରେ ରକତ ହୁଅଇ ପାଣି
ରୋଗ ବଇରାଗ ଭୁଲି ସେ ପିଲାଙ୍କ ମୁହେଁ,
ମାସର ବେତନେ ଖୋରାକ ଯୋଗାଏ ଆଣି ।

ଲୁହା କାରଖାନା ଘୂ’ ଘୂ’ ଗରଜନେ
ଧୂମ ଉଦ୍‌ଗାରେ ଅଗଣିତ ନଳମୁହେଁ,
ଧଳ ଧବଳାର ଜାନଫଟା କରଚୋପ
ରେଳ ଇଞ୍ଜିନ ଭସ୍ ଭସ୍ ଧୂଆଁ ଫୁଙ୍କେ ।

ଦିନର ବନ୍ଧା କରମ ହୋଇଲା ଶେଷ
ଶୁଭେ କଳଘରେ କାହୁଡ଼ା ଘଣ୍ଟାରବ
ହାଲିଆ ପଦକ୍ଷେ ଫେରେ ମଜଦୁର ଦଳ
ମୁକ୍ତ ଗୀତ ଗାଇ ଆନନ୍ଦରେ ଅଭିନବ ।

ନଈ ସେପାରିରେ ଦେବାଳ ମନ୍ଦିର ବଣେ
ଘମାଘୋଟ କାଳ-ଅନ୍ଧାର ଘୋଟିଛି ଯହିଁ,
ବେସୁରା ରାଗିଣୀ କାହାର ବଇଁଶୀ ସ୍ୱରେ
କୁହେଳି ଗୋପନ ସୁରେ ବାଜେ ରହି ରହି ।

ନାଲି ଟହ ଟହ ସରଗ ଚୁମ୍ବୁଆ ତଳେ
ଝୁନେଇ-ଲହରୀ ଘାଟରେ ଫଟିକ ଶିଳା,
ନଦୀ ଜଳେ ଦିଶେ ଅସ୍ପଷ୍ଟ ନଗର ଛବି,
ନଗରୀର ଚୂଡ଼ୁ ଧବଳ ସଉଧମାଳା ।

ନଦୀଶାଖାର ଅଦୂରେ ନଦୀବେଳା ସ୍ଥାନେ
କାହ୍ନୁ ପାଦକର ପୂଜା ଅରଚନା କାଟେ,
ଆସନ ବିଛାଇ ସେ ବୁଢ଼ା ମୁସଲମାନ
ନିଷ୍ଠରେ ଅମୀର ଖୋଦାରେ ନମାଜ ପଢେ ।

ନଈକୂଳେ ସେହି ନିର୍ଜନ ସଡ଼କ ପଥେ
ବହୁଦୂରେ ଦିଶେ ଦୁଇଟି ମଣିଷ ଛାଇ,
ନାଗରା ବଜାଇ ଚାଲିଛି ଗୋପାଳ ବୁଢ଼ା
ଆଗେ ଚାଲେ ପୁଅ ମହୁରୀ ବାଇଦ ବାଇ ।

ଗୋପାଳ ବାଳକ ଚାଲିଛି ମହୁରୀ ସୁରେ,
ଘୁଙ୍ଘୁର ପିନ୍ଧିଲା ପାଦେ ଦୁଇ ନାଚି ନାଚି,
କାନ ମୂଳେ ଝୁଲି, ମଥା ଚଉପାଶେ ବନ୍ଧା
ଲଉଣ୍ଡ ମାଳରେ ମୟୂର ଚୂଳେକ ଝଟି ।

କାନ୍ଧରେ ପକାଇ ଗମୁଳ ଯଷ୍ଟି ଏକ
ଦେହରେ ପିନ୍ଧିଛି ରଙ୍ଗିଣ ରେଶମି ଜାମା
ଆଣ୍ଠୁ ଆଣି ଲୁଗା ଅଣ୍ଟାରେ ଜବର ଭିଡ଼ା
ରୂପେ ତାର ଫୁଟେ ଘନଶ୍ୟାମ ମଧୁରିମା ।

ଚୂଡ଼ାଟି ଗୁଲଛି ଅଣ୍ଟାରେ ଘାଘୁଡ଼ି ବାନ୍ଧି
ବାହୁ ଯୁଗେ ଖଞ୍ଜି ଧବଳ କଉଡ଼ି ମାଳ,
କାନ୍ଧରେ ଝୁଲାଇ ନାଗସ୍ୱା, ହାତରେ ବାଡ଼ି
ଭମ ଭମ ପିଟେ, ଅଭଙ୍ଗା ପକାଇ ତାଳ ।

ମିଛ ମିଛ ଗୃହେଁ ଆକାଶେ ସନ୍ଧ୍ୟା ତାରା
ଅଂଧାର ପରଦା ଧୀରେ ଧୀରେ ଆସେ ଘୁଞ୍ଚି,
ଭାସି ଆସେ ଦୂରୁ ଗୋପାଳ ନାଗସ୍ୱ ଧ୍ୱନି
ତିମିର କୋଳରେ ଗଲେଣି ସେମାନେ ଲୁଚି ।

ସେପାରି କୂଳରେ ଅଂଧାରି ଅତଡ଼ା ପରେ
ଝୁଲୁଛି ଗୁଳର ମଥାନ ଦିଶଇ ଫୁଟି,
ନିରଜନ ତଟେ ତଟିନୀର କଳକଳେ
ରହି ରହି ମନେ ଶୁଭଇ ମଣିଷ ମାଟି ।

ମଦର ପ୍ରେମିକ ଗଡ଼ଲେଣି ଧୀରେ ଧୀରେ
ମଦଭାଟି ଘରେ ଜଳିଲା ଆଲୁଅ ରେଖା
କଣା ଠଳ ମନେ ଅସ୍ପୁଲି କଥା କହି
ଚୂଡ଼ାଣିରେ ଆଙ୍କେ ଗୋଲାପି ମଦର ଲେଖା ।

ମଦ୍ୟପାୟୀ ଛୁନ୍ଧ ଭୁଲି ପାରୁ ଦୁନିଆଁକୁ,
କ୍ଷଣେ ହୋଇ ନାଲି ସ୍ୱପ୍ନନିଶା ପରବଶ
ନଥାଏ ତୋ ଜ୍ଞାନ ଭଲମନ୍ଦ ବୁଝିବାକୁ,
ଶୁଣିବାକୁ ଅବା ଗଉରବ ଅପଯଶ ।

ସ୍ଥାନ ଅସ୍ଥାନ ନମାନି ଥାଉରେ ପଡ଼ି
ନଷ୍ଟ ଚେତନେ ଈଶ୍ୱର ପଥଧାରେ,
ଥୁ' ଥୁ' କରେ ତୋତେ ଦେଖିଲେ ସକଳ ପ୍ରାଣୀ,
ସବୁଭୁଲି ପୁଣି ଧାଉଁ ପାନ କରିବାରେ ।

ବସ୍ତୀ ସୀମାନ୍ତେ ଦୁଇଟି ଗୃହର ଘର
ଛୋଟିଆ ମାଟିର ପାଚେରୀ ଘେରିଛି ତହିଁ
ରସିକ ଯୁବକ ମହୁଆଳ ଗୋଠା କେତେ
ଧାଙ୍ଗରା ପର୍ଯ୍ୟନ୍ତ ନିତି ସଞ୍ଜବେଳେ ତହିଁ ।

ଛଣ୍ଡଶ ଗଣ୍ଡର ଅଧିଆରୀ ବୟସର
ଅପ ଯଉବନା ରମଣୀର ରୂପ ନେଇ, .
ନାଲି ଆଖି ଡାଳି କଳା ଓଠେ ହସ ହସି
ସ୍ୱେଚ୍ଛାଚାରୀ ଯାଏ ଅଣ୍ଡାରୁ ପଇସା ଦେଇ ।

ସହରୀ ଦୁରୁଣେ ଭୂପତ ନହୁଏ ଆଖି
ହୁ' ଅଭିଳାଷ କ୍ଷଣକେ ଉଠଇ ଜାଗି,
ଫେରିଲି ସ୍ୱଗୃହ ମୁଖେ ମୁଁ ତଟିନୀ ଧାରୁଁ
ଆସନ୍ନ ସନ୍ଧ୍ୟା-ସ୍ୱରରେ ମେଲ୍ଲିଣି ମାରେ ।

ମନେ ପଡୁଥାଏ ବୁଢାର ନମାଜ ପଢା,
ମଭୁଆଲ୍ଲ ଡାକ ଶୁଭୁଥାଏ କ୍ଷଣେ କ୍ଷଣେ,
ଆସୁଥାଏ ଦୂରୁଁ ନାଗେରର କ୍ଷୀଣ ଧ୍ୱନି
ଯେତେ କି ବାଜେ ତା ସଂଧ୍ୟାର ଆଗମନେ ।

# ସାଗର ଦ୍ୱୀପରେ ଘୁମେଇ ପଡ଼ିଛି ସାଗର ରାଣୀ ।

ନୀଳ ସାଗରର ଫେନିଳ ବକ୍ଷ ଉପରେ
କିଏ ଘୁମାଇ ପଡ଼ିଛି ସୁନାର ପ୍ରତିମା ଗୋଟି,
ଅନାବୃତ ତାର ରୂପ ସୁଷମାର ଗରବେ
ସତେ ମୋହୁଛି ନିଖିଳ ଭୁବନ-ନୟନ-କୋଟି ।
ଘନ ପଲ୍ଲବିତ ବନାନୀର ତରୁ ଶାଖା
ଅସୀମ ସାଗର ପ୍ରକୃତି କିରଣ ମଖା,
ନିର୍ଜନତାର କରୁଣ ନିସ୍ୱନେ
ଊର୍ମିମାଳାର ଗୀତି ଆଳାପନେ,
ମୁଦ୍ରିତ କରି କି ଅବା ଅସର ସପନେ
ଧୀରେ ଅଚପଳ ତାର ନୟନ-ପଲ୍ଲବ ଦୋ'ଟି,
କିଏ ଘୁମାଇ ପଡ଼ିଛି ସୁନାର ପ୍ରତିମା ଗୋଟି ।

ସେଇ ଏ ଦ୍ୱୀପର ସୁପ୍ତା ପ୍ରକୃତି ରାଣୀ
ସାଗର ଦୁଲଣା ଅବା ଦଗ ସୀମନ୍ତିନୀ,
ଅରଣ୍ୟ ବାସିନୀ ସୁନ୍ଦରୀ ଉର୍ବଶୀ,
ଦେବତାଙ୍କ ଶାପେ ପଡ଼ିଅଛି ଖସି,
ଅସ୍ଫୁଟ ତାନେ ତାହାର ମହିମା ବରଷି,
ମଧୁ ସୁରଭି ସମୀର ଚୌଦିଗେ ଯାଏ ଛୁଟି
କିଏ ଘୁମାଇ ପଡ଼ିଛି ସୁନାର ପ୍ରତିମା ଗୋଟି ।

ମୁକୁଳି ପଡ଼ିଛି ତାର ତନୁ-ରୂପ-ଭାର
ବେଶ ସୁଶୋଭନ କସ୍ତୁଭ ହୀର ହାର
ଅଯତନେ ତାର ଶିଥିଳ କବରୀ
ଅବଲୁଣ୍ଠିତ ଭୂତଳ ଆବରି,
ଯୌବନ ଦୀପ୍ତ ଅଙ୍ଗ ଉଠେ ତା ଶିହରି
ନୀଳ ଝୀନ ପରିଧାନ ପଚୁରେ ପଡ଼ିଛି ଲୋଟି,
କିଏ ଘୁମାଇ ପଡ଼ିଛି ସୁନାର ପ୍ରତିମା ଗୋଟି ।

କୌମୁଦୀ ବିଭାଯୁକ୍ତ ଆନନ ଶିରୀ
ଜବା କୁସୁମିତ ଅଧର ନାଚଇ ଥିରି,
ବେଣୀ ବନ୍ଧନର ପୁଷ୍ପ ଦଳେ ଦଳେ
ବହୁଧା ମାଣିକ୍ୟ-ରତନ ବଦଳେ
ରାଣୀର ମହାର୍ଘ କୀରିଟ ଝରିଛି ଭୂତଳେ;
ସେହି ରାଜ ନନ୍ଦିନୀର ସମ୍ମାନ ସଙ୍କେତ ଗୋଟି,
କିଏ ଘୁମାଇ ପଡ଼ିଛି ସୁନାର ପ୍ରତିମା ଗୋଟି ।

ପଲାଶ-କୋମଳ ଲଜ୍ଜା ବରଣ ବକ୍ଷ
ଯୌବନ-ବିଳାସ କାନନର ମଧୁ କକ୍ଷ,
ସେହି ଅଙ୍ଗନର ସୁରତ ପରଶି
ମଳୟ ସଲଜେ ଚୁମ୍ବି ଯାଏ ହସି
ବାସ ବିମୁକ୍ତ ଦୁଇଟି ସୁଧାର କଳସୀ ।
ପୁଷ୍ପେ ବିଭୂଷିତ ତାର ମରାଳ-କଣ୍ଠ-ତୋଟି,
କିଏ ଘୁମାଇ ପଡ଼ିଛି ସୁନାର ପ୍ରତିମା ଗୋଟି ।

ନାନା ବିଧ ରଙ୍ଗ ବିହଙ୍ଗ ପକ୍ଷ ଖୋସା
ପ୍ରବାଳ ମାଳିକା ବାହୁରେ ବାନ୍ଧିଛି ଯୋଷା
ଆଉର ଛିଣ୍ଡିଛି ମଣିବନ୍ଧ ସ୍ଥଳେ
ପ୍ରବାଳ-କୁସୁମ ମାଳ ଭୃଙ୍ଗ ଦଳେ
ମେଲାଇ ଦେଇଛି କେଉଁ ପାରୁଶିର ଭୂତଳେ ।
ସେହି ଶ୍ୱେତ ମୃଣାଳିନୀ କର ପଲ୍ଲବ ଦୋ'ଟି,
କିଏ ଘୁମାଇ ପଡ଼ିଛି ସୁନାର ପ୍ରତିମା ଗୋଟି ।

ନାଭି ତଳେ ତାର ଲଜ୍ଜା ରହିଛି ଜଡ଼ି
ନିତମ୍ବ ଜଘନେ ବସନ ରହିଛି ପଡ଼ି
ଯହିଁ ଅତନୁର ଉଲ୍ଲାସ ଚଞ୍ଚଳ,
କ୍ଷିପ୍ର ବିହ୍ୱଳତା ନାଚେ ଟଳମଳ,
ନିଭୃତେ କିଏ ଢାଙ୍କିଛି ବସନ ଅଞ୍ଚଳ ।
ସେହି ପ୍ରୀତି ସୁଷମାର ମୋହନୋଜ୍ଜ୍ୱଳ ମୋଟ,
କିଏ ଘୁମାଇ ପଡ଼ିଛି ସୁନାର ପ୍ରତିମା ଗୋଟି ।

ଅଶୋକ ରଙ୍ଗିମା ପଦ ତାର ଧୋଇ ସିନ୍ଧୁ
ତରଙ୍ଗିତ-ନୀଳ-ସାଗର-ସତତ ବନ୍ଦ୍ୟ,
କଣଳଯ୍ଯୁ ଗୁନ୍ଥା ଚରଣ ନୂପୁରେ
ଫିଙ୍ଗିଦେଇ କୂଳୁଁ ସେ ଅନନ୍ତ ଦୂରେ
ସିଞ୍ଚିଯାଏ ତାର ସ୍ନିଗ୍ଧ କରୁଣ ତନ୍ତୁରେ ।
କେତେ ରାଶି ରାଶି ଫେଣ-ସଲିଳ-କଣିକା-ମୋତି,
କିଏ ଘୁମାଇ ପଡ଼ିଛି ସୁନାର ପ୍ରତିମା ଗୋଟି ।

କେ ଫେରିଲା ତାର ଯୌବନ ରତନ ଯେତେ
ନିବଦ୍ଧ ଆଶ୍ଳେଷେ ପକାଇଲା ତାରେ ବେଢ଼ି
ଅମା ତମିରର ଗୋପନ କିଙ୍କଣ,
ଅମରୁ ଓହ୍ଲାଇ ଏଠି ଦେବାରଣେ
ଚୁମ୍ବିଥିଲା ତାର ବ୍ରୀଡ଼ା ନତ ଅଧୋବଦନେ,
ପ୍ରୀତି ବିଳାସ ଆଳସ୍ୟ ତା' ଅଙ୍ଗେ ଯାଇଛି ଘୋଟି
କିଏ ଘୁମାଇ ପଡ଼ିଛି ସୁନାର ପ୍ରତିମା ଗୋଟି ।

କିଏ ପିଇଲା ତା' ସୁଧା କଳସୀର ଝର
ଭିଡ଼ିଲା କେ ତାର କୁସୁମ-କୋମଳ କର
ତାର ପଦଯୁଗେ ଆପଣାର ଛନ୍ଦ
କେ କରିଲା ତାର ପ୍ରାଣେ ପ୍ରାଣ ବନ୍ଦୀ
ପ୍ରୀତି ଉନ୍ମାଦେ ଘାରିଥିଲା କେଉଁ ଦରଦୀ ।
ସେଇ ଅନାହୂତ ଅଙ୍ଗେ ପରାଗ ଯାଇଛି ଘୋଟି,
କିଏ ଘୁମାଇ ପଡ଼ିଛି ସୁନାର ପ୍ରତିମା ଗୋଟି ।

କେବେ ଗୋ ଭାଙ୍ଗିବ ତୁମର ଧ୍ୟାନ ଗୁଣୀ
ସକଳ ଅନ୍ତରେ ଚେତନା ଦେଲୁଣି ଆଣି,
ବିମଳ ଉଷାର ଶୀତଳ ପରଶ
ପକ୍ଷୀ ଜଗତର କଳରବ ହସ
ତୁମ ବିନା ସର୍ବେ ଜାଗ୍ରତ ହରଷ-ସରସ,
ତୁମେ କେବେ ଗୋ ମେଲିବ ଶାନ୍ତ ନୟନ ଦୋଟି
କିଏ ଘୁମାଇ ପଡ଼ିଛି ସୁନାର ପ୍ରତିମା ଗୋଟି ।

# ସଞ୍ଜ କବିତା

ଦିନର ଆଖିଟି ଆସିଲାଣି ଧୀରେ ବୁଜି
ଦିବସ ଯାକର କରମ ସରିଲା ମୋର,
ବାଡ଼ି ଅଗଣାର ସାହାଡ଼ା ସୁନ୍ଦରୀ ମୂଳେ
ଲୁଚି ଲୁଚି ଆସି ଅନ୍ଧାର ଜମୁଛି ଘୋର ।

ପଶ୍ଚିମ ଆକାଶେ ବୁଡ଼ିଲେଣି ଦିବାକର
ସିନ୍ଦୂର ମାଖଇ ନିଭିଲା କିରଣ ରେଖା,
ଦିଗବଧୂ ଭୁଲେ ବିହଙ୍ଗ ଫେରଇ ବାସେ
ସଞ୍ଜ ପହରିଆ ତାରକା ଦେଲାଣି ଦେଖା ।

ବସି ଦେଖୁଥିଲି ସନ୍ଧ୍ୟାର ମଞ୍ଜୁଛବି
ଲେଖିବାକୁ କିଛି କାଗଜ କଲମ ଧରି,
ସହକାର କୁଞ୍ଜେ ଜନାକି ପ୍ରଦୀପ ଜଳେ
ମଉଳା କୁସୁମ ଭୁଡଲେ ପଡ଼ଇ ଝରି ।

ନୋଇଁ ଆଣେ ମଥା ବଂଧୂଡା ପଦ୍ମବଣୀ
ଭ୍ରମର ଫେରଇ ବାରହ ଗୁଞ୍ଜନ ଗାଇ,
ନଈରେ ଘାଟିଆ କୂଳକୁ ଲଗାଏ ନାଆ
ଛକୁ ଛକୁ ଗୀତେ ସଙ୍ଗୀତ ସୁର ମିଳାଇ ।

ଝୁଲୁ ମୁଣି କାନ୍ଧେ ଚାଲିଛି ଅନ୍ଧ ବୁଢା
ଆଗେ ଗୁଡେଲ ଝିଅ ଅନ୍ଧର ନଡ଼ିକି ହାତେ,
ଭିକ ମାଗି ଫେରେ ମୂଦେଣ୍ଡ ରଖି କାଠ ବାଡ଼ା
ଧନ ଯାଏ ବୋଲି ଡର ଡର ପଦ ପାତେ ।

ଦୁଆରେ ଦୁଆରେ ମାଗି ମାଗି ଧନ ସାଧ
ହାତ ଗୋଡ଼ ଏବେ ଅବଶ ହେଲଣି ହେକେ,
କପଡ଼ ମୁଡୁଛି ପେଟର କଷଣ ଭୟ
ଜୀବନ ରହିବ ନପିଇ ତୋରାଣି ତୋଟେ ।

ମୁଣ୍ଡ ଗୁଞ୍ଜିବାକୁ ଏତେ ବଡ଼ ଦୁନିଆରେ
ଏ ଦୁଇ ପ୍ରାଣୀର ଶଟେଲେ ହେଲେ ନାହିଁ ଠାବ,
କେତେ ଅନୁଭବ ବିତାଇ ଜୀବନ ଧାରେ
ଅନ୍ଧ ବୁଢା ତାର ଚଳାଏ ଦଦରା ନାବ ।

ଲୁଚି ପାଇଅଛି ସେଠି ଏକ ଇତିହାସ,
ବୁଢା ଭିକାରୀର ଅତୀତ ଜୀବନ ତଳେ
ଘରର ଘରଣୀ କହିଛି ସରଗ ବାସ
କହୁତ ଧନକୁ କି ଅବା କରମ ଫଳେ ।

ଅଧା ଉମରରୁ ବାହୁଡ଼ିଲା ଭେଣ୍ଡାପୁଅ
ଲୋଭ କରିନେଲେ ବସନ୍ତେ ମଙ୍ଗଳା ମାଆ,
ଝୁରି ଝୁରି ମାଆ ଧରିଲା ତାହାରି ପଥ,
ବୁଢ଼ାର କରୁଣ ଛାତି ହେଲା ହାʼ ହାʼ ।

କୋଡ଼ ପୋଛା ଝିଅ ଛାଡ଼ିଗଲା ବୁଢ଼ା ହାତେ
ଦାଇବର ପାଇଁ ମଣିଷର କଥା ନୁହଁ,
ଟାଳି ଟାଳି ଲକ୍ଷ କରନ୍ତି କରନ୍ତି ଛାତି
ନିଭିଗଲା ଶେଷେ ବୁଢ଼ାର ନୟନ ତାରା ।

ଦିନ ଦିନ ମାସ ବରଷ ଗଲାଣି ବିତି
ପଥଧାରେ ପଡ଼ି ସବୁ ଆସିଲାଣି ଆୟୁ,
ଚୂଡ଼ା ମୁଣ୍ଡ ଖୁଦେ କଙ୍କାଳ କରଇ ଗତି
ଝିଅର ପରଶେ ବୁହାଇ ଜୀବନ-ବାୟୁ ।

ଅଣ୍ଟାଳି ଅଣ୍ଟାଳି ତୁଣ୍ଡରେ ଅଧାର ଦେଇ
ପୋଷା ଚଢ଼େଇଟି କାଢ଼ିଲାଣି ନୂଆ ପର
ଏବେ ବି ବୁଢ଼ାର ପଥୁଆ ବୁକୁତଳେ
ଶୁଖିଲା ସରକୁ ବହୁଛି ସ୍ନେହର ଝର ।

କିଶୋରୀ ବୟସ ଉଛୁଳି ଯାଉଛି ତାର
ମଳି ଚମଡ଼ଲେ ଲାବଣ୍ୟ ଉକୁଟି ଉଠେ,
ଯେତେ ଦାଉ ଆଜି ମାନି ନେଇ ଅଛି ହାର
ନୁଖୁରା ଦେହରେ ଯଉବନ ଶିରୀ ଫୁଟେ ।

## ରଜନୀଗନ୍ଧା

ଲାଜ ସରମର ଅମାନିଆ ପବନ
ଧଣ୍ଟ ଗରବର ବସ୍ତ୍ର ତାହାର ନାହିଁ,
ଗୋପନେ ଗୋପନେ ଭେଙ୍କିଲା ଗୃହାଣୀ ତଳେ
ଫୁଲ୍ଲଲନ୍ତି କୁଢ଼ୁ ଭେଦ କରିଲାଣି ଠାଇଁ ।

ଭରା ଗୁଚ୍ଛ ନେଇ ଉଡ଼ାଇ କହିଁଗୁ କେଶ,
ଫୁଙ୍ଗୁଳା ଧିଅକୁ ବାଢ଼ିବାକୁ ଆଖିଆଗେ,
ଲୁନ୍ତୁ ଲୁନ୍ତୁ ମନେ ଧରି ଭିକାରଣୀ ବେଶ
ହାତ ପାତିବାକୁ ଝିଅକୁ ସରମ ଲାଗେ ।

ସବୁରି ଦୁଆରେ ପେଟ ପାଇଁ ଥାଳ ପାତି
ଇଜତ ମହତ ଜଗିବାକୁ ବେଳ କାହିଁ ?
ବସିଲାଣି ଅଣ୍ଟା ପୋରଲ ହେଲାଣି ଗୁଚ୍ଛ
ବଞ୍ଚି ରହିବାକୁ କଟଳେ ହେଲେ ଇଚ୍ଛା ନାହିଁ ।

ହୁଏତ ବୁଢ଼ାଟି କରୁଛି ଭରସା ମନେ,
ଫୁଟିଲେ ସୁମନ ବହିଟିବ ଚଉପାଶ,
କେତେ ମହୁମାଛି ଧାଇଁ ଆସି ଗୁଞ୍ଜରଣେ
ମଧୁଟିକ ଲାଗି ଛନ୍ଦାଇବେ ମଧୁ ଫାଶ ।

ମୋ ଅଟନ୍ତ ମୋ ଝିଅ ଧରିନେବ ସିଧା ପଥ
ହୁଏତ କାହାରି ଜଣକ ଚରଣ ତଳ,
ନହେଲେ ତଥାପି ହେବ ନାହିଁ ହନ୍ତ ସନ୍ତ...
ବୁଢ଼ାର ଶୁଖିଲା ଆଖି ହୁଏ ଛଳ ଛଳ ।

ଯେତେବେଳ ଯାଏ ରହୁଛି ପେଟର ଦାଉ

ଅଠୁ ପାହୁ ଦୁଇ ବେଳକା ଜୀବନ ଚଳା,
କି ମିଳିବ କର ରୂପ ଯଉବନ ଛାଉ
କେ ଦେଲେ ମୁଠାଏ କିଏ କହେ ପଳା ପଳା ।

କାନ୍ଧେ ହାତ ରଖି ବୁଢା ବାପ ତାର କହେ—
“କେତେ ଦୂର ଆଉ ଚାଲିବାକୁ ହେବ ଝିଅ ?”
ହୁଁ ହୁ ହୁଏ ପେଟ, ଦର ଦର ଧାର ବହେ
ଝିଅ କହେ “ବାପା, ହେଲା ଧଟେ ବରଷିହ ।”

କେଉଁ ଗଛମୂଳେ ରନ୍ଧିବେ ଚୂଉଳ ଦେ'ଟି
ଚହୁଁ ଚହୁଁ ଆସି ଦିନ ହେଲା ଅବସାନ,
କି ଅବା ଲେଖିବ ଭାବନା ନ ଆସେ କିଛୁ
କାଗଜେ କେବଳ ଲେଖିଲି “ହେ ଭଗବାନ ।”

# ରୂପ

ଏକହାତେ ରଙ୍ଗ ଧରି ଆନ ହାତେ ସୁଧାର କଳସୀ
ସୃଷ୍ଟିର ଅସୀମ ବକ୍ଷୁ ଉଠିଲକି ରୂପ ଦେବୀ ଶଶୀ !
ଅଶେଷ କରୁଣା ତବ ପୂର୍ଣ୍ଣ-କୁମ୍ଭୁ ଉଚ୍ଛୁଳଇ ସଦା,
ଅଭିସାର କୁଞ୍ଜେ ତୁମେ ସୃଷ୍ଟିଦେବ-ପ୍ରିୟା-ପ୍ରିୟମ୍ବଦା ।

କିଏ ଦେଲ ଏତେ ଧନ ପ୍ରାଣେ ତବ ଅପୂର୍ବ ମନ୍ତ୍ରର
ମୋହିବାକୁ ସାରା ବିଶ୍ୱ ଗୋଡ଼ିବାକୁ ଦିଗ ଦିଗନ୍ତର,
ବୁଣିବାକୁ ମଣିମାଳା ଠାଣିବାକୁ ନିଖିଳର ଦୃଷ୍ଟି—
ଢାଳିଦେଇ ନିଜ ପ୍ରାଣ ସଞ୍ଜୀବିତ କରିବାକୁ ସୃଷ୍ଟି ।

ଆପଣାକୁ ମିଶାଇଛ ପ୍ରକୃତିର ନିକୁଞ୍ଜ ଦୁଆରେ
ଆପଣାକୁ ଭସାଇଛ ବିକାଶର ଅନନ୍ତ ଜୁଆରେ ।
ଯୁଗେ ଯୁଗେ କ୍ଷଣେ କ୍ଷଣେ ସୃଜି କରି ଆପଣାର ତନ୍ତ୍ର,
ଝଙ୍କାରିଛ ମଞ୍ଜୁ ସ୍ୱଣି ପୁଞ୍ଜିଭୂତ ପର୍ଣ୍ଣ-ରନ୍ଧ୍ରେ ।

ତୁମରି ପରଶେ ସୃଷ୍ଟି ବିକଶିଛି ଚୌଦିଗ ବିସ୍ତାରି
ଅସୀମ ଏ ନଭୋଦେଶେ ବିଶ୍ୱରାଜ କଳ୍ପନା-ସଞ୍ଚାରି
ତୁମରି ସୌରଭେ ଆଜି ଆତ୍ମ-ହରା ପ୍ରକୃତି-ମଣ୍ଡଳ,
ତୁମ ମଧୁରିମା ଗୀତି କାନେ ତା'ର କି କଥା କହୁଳ ।

ଏ ସକଳ ପଶୁ ପକ୍ଷୀ ଏ ସକଳ ଜଡ଼ ପ୍ରାଣିବନ୍ତ
ବୃକ୍ଷଲତା ଫୁଲ ଫଳ ବସ୍ତୁ ଆଜି ସୃଷ୍ଟି ଅକଳନ୍ତ
ସକଳେ ଗୋ ପରିହିତ ତକକୃତ ରଙ୍ଗମୟୀ ବାସ
ସକଳ ଅନ୍ତରେ ତୁମେ ଭରିଆଛ ଆତ୍ମ ପରକାଶ ।

ଜ୍ୟୋତି ତୁମ ଫୁଟି ଉଠେ କୁସୁମର ଦର ଦର ହାସ୍ୟେ,
ଦିଗନ୍ତର ଶ୍ୟାମଳିମା କାନନର ନବଋତୁ ସ୍ୱସେ,
ମେଘେ ମେଘ ସଂଘର୍ଷଣେ ବିଦ୍ୟୁତର କ୍ଷଣିକ ପ୍ରକାଶ
ତପନ-କନକ-ରଶ୍ମି ନିଶୀଥର ଚନ୍ଦ୍ର ଜ୍ୟୋତ୍ସ୍ନା ହାସ,

ଅଚଳ ଶିଖରେ ଶୁଭ୍ର ତୁଷାରର ଅମ୍ଳାନ ଗରିମା
ଫେନିଳ ଉର୍ମିଳ ସିନ୍ଧୁ ଗାଏ ତବ ଗୀତି ମଧୁରିମା ।
ତୁମରି ମଧୁର ଛାୟା ଦେଇଅଛ ଦାଗ ଦାଗ ସାରି
ରଙ୍ଗର ବିପଣି ମଧ୍ୟେ ଅକଳନ୍ତ ରଙ୍ଗର ପସରା ।

କନକ-ପ୍ରଦୀପ ହାତେ ଫେରିଯାଏ ଯହିଁ ବିଭାବରୀ
ଅଳସ-ସପନ ଭେଳି ଉଷା ଦେବୀ ସାଜଇ କବରୀ ।
ଧୂସର ସରଣୀ ଭେଳି କାନ୍ଦେ ଯହିଁ ଗୋଧୂଳି ସଜନୀ,
କୃଷ୍ଣ ଅଞ୍ଚଳେ ନୂପୁରିତା ଆସେ ଯହିଁ ତାମସୀ ରଜନୀ ।

ବାରୁଣୀର ଅସ୍ତାଚଳେ ଖେଳି ପଡ଼େ ସ୍ୱର୍ଣ୍ଣ ମଞ୍ଜରୀରୁ
ଚନ୍ଦ୍ରିକା ପ୍ରବାହେ ଧରି ଶୁଭ୍ରବାସେ ହସି ଉଠେ ପ୍ରିୟ;
ତବ ସୃଷ୍ଟି ମଧ୍ୟୁ କଳା ସେ ଧ୍ୟାନର ଚରମ ସୃଜନା,
ତବ ରୁଚି ଅନୁପମ, ପରିସ୍ଫୁଟ ଅପୂର୍ବ ଦ୍ୟୋତା ।

ସେ ଅବା ବଞ୍ଚିତ ଅଟେ ତବ ପାଶୁଁ ଧରି ଭିକ୍ଷା ଥାଳ
ତୁମର ଅଞ୍ଚଳ ତଳେ ସରବେ ଗୋ କରୁଣା କାଙ୍ଗାଳ ।
ମାନବର ପୂର୍ବେ ଅଙ୍ଗେ ନାରୀ ପ୍ରତି ଶ୍ରେଷ୍ଠ ତୁମ ଦୟା,
ନାରୀର ଲପନେ ଦେବୀ ଭରିଅଛ ମୋହନୀର ମାୟା ।

ନୟନେ ଭରିଛ ତାର ଶ୍ୟାମା ଲାଜ ସୁଷମାର ରଙ୍ଗ,
ବକ୍ଷୋଜ କରିଛ ପୁଣି ସ୍ୱର୍ଣ୍ଣମୟୀ-ଉର୍ବଶୀ-ଉତ୍ସଙ୍ଗ ।
ନୟନ ହାରିଣୀ ନାରୀ ଶିଖି ଅଛି କରି ତୁମ ପୂଜା,
ଲଭିବାକୁ ତବ କରୁ ବରଦାନ ଆଗୋ ମୁକ୍ତଭୁଜା ।

ସୃଷ୍ଟି ଦେବ କର ଧରି ନୃତ୍ୟ ବଶ ଛନ୍ଦେ ଛନ୍ଦେ,
ପଦେ ପଦେ ଶୁଭେ ତବ ମଞ୍ଜିର-ନିକ୍ୱଣ ମନ୍ଦେ ମନ୍ଦେ ।
ପ୍ରେମକର ସୃଷ୍ଟି ହୁଲେ ଜୀବନର ପ୍ରୀତି ଅର୍ଘ୍ୟ ଢାଳି,
ମାଟିପରେ ଦଅ ଜାଳି କରୁଣାର ସୁଧା ଧାରା ଢାଳି ।

ସାଗ୍ନ ବଶ୍ୱ ଅଟେ ତବ ସୁମହାନ ଗୌରବ ପୂଜାରୀ,
ତୁମ ଅଭ୍ୟର୍ଥନା ଲାଗି କ୍ଲାନ୍ତ ସେ ଯେ ଚଇତନ୍ୟ ଦ୍ୱାରି ।
ଭାଷାର ଆରତି ସାଜି ବସିଅଛୁ ଗୃହୁଁ ଦାଷ ଭୂଷା,
ଆସ ଦେବୀ, ଅମ୍ବୁରମ୍ୟ, ଅଗ୍ନିରୂପ, ସଦା ଅପରୂପା ।

# କ୍ଷୁଧା

ନିତଳ ପ୍ରାସାଦ କୋଳେ ପତି ପତ୍ନୀ ଦୁଇ,
ପ୍ରେମାବେଶେ ଆତ୍ମହରା ବକ୍ଷେ ବକ୍ଷ ଛୁଇଁ ।
ପ୍ରାଣ ଭରା ଆଲିଙ୍ଗନେ ଅଧର ପୁଲକେ,
ଚୁମ୍ବନ ମଦିରା ଢାଳି ପ୍ରେମର ମୁଲକେ ।
ମୁକ୍ତ ଅନ୍ତରୀକ୍ଷ ଆଜି ଜଳବିନ୍ଦୁ ଭରା,
ବର୍ଷାର ତାଣ୍ଡବ ନୃତ୍ୟେ କମ୍ପେ ବସୁନ୍ଧରା ।
ଲୁଚି ଯାଏ ବିଦ୍ୟୁତ୍ ଶୁଭେ ଗୁରୁ ଗରଜନ,
ପବନ କ୍ରନ୍ଦନେ ଭରେ ସୁପ୍ତ ନିରଜନ ।
ଛାତିରେ ମିଳାଇ ଛାତି ବର୍ଷା ପାତେ
ମୁଗଧା ପ୍ରିୟା ଭଣେ—
ଘୁଞ୍ଚିଆସ ପ୍ରିୟ ମୋର ଆହୁରି ନିକଟେ
ସ୍ପନ୍ଦିତ ମୋ ଅନ୍ତରର ପାଶେ ।

ଦୁରନ୍ତ ପଲ୍ଲୀର ପ୍ରାନ୍ତେ କୃଷକର ବାସେ,
ଝିରିର ଲଗାଣେ ଧାରା ଶ୍ରାବଣ ମାସେ ।
ଭଙ୍ଗା ଗୃହୁଁ ପାଣି ଝରେ ଘର କୋଣେ ପୁଣି,
ଛିଣ୍ଡା ଦେହେଁସେ ଚିନ୍ତାମଗ୍ନା ଦରିଦ୍ରା ଗୃହିଣୀ ।
ଘରେ ତାର ନଥିଲାତ ଚାଉଳ ଓ ଡାଲି,
ସାରା ଦିନ ଉପବାସୀ ନିରନ୍ନ କାଙ୍ଗାଳ ।
ଝିରି ଲଗା ବରଷାରେ ଲଦି ହୁଡ଼ି ମାଟି,
ଉଡ଼ିଲାଣି ହଂସା ତାର ଶୁଷ୍କ କଣ୍ଠ ଫାଟି ।
ନିବିଡ଼ ବରଷା ସଙ୍ଗେ ତିନ୍ତି ବୁଡ଼ି
କ୍ଷେତ୍ରୁଁ ଆସେ ଧାଇଁ,
କୃଷୀ ଭାଇ ଭୋକେ ପେଟ ଡାକେ ଜଁ ଜଁ—
ମୁଣ୍ଡ ତାର ମାରେ ଝାଇଁ ଝାଇଁ
ଭାରିଯାକୁ ଚାହିଁ କହେ ଗୋଡ଼ ହାତ ପୋଛି,
ଦବୁଟିଲେ ଖାଇବାକୁ କିଛି ଯଦି ଅଛି ।
ଥମକି ଭାରିଯା କହେ— ନାହିଁ ଘରେ ଭାତ
କି ଦେଇ ମେଣ୍ଟିବ ତବ କ୍ଷୁଧା ? ପ୍ରାଣନାଥ !
ମଣିଷ ଏ କ୍ଷୁଧା ଯଦି ଆଲିଙ୍ଗନେ ଭୁଲେ,
ସୁଖି ସାରା ସୃଷ୍ଟି ତଳେ କିଏ ତାର ତୁଲେ !
କ୍ଷୁଧାତୁର ଦରିଦ୍ରର ନେତ୍ର ଅଶ୍ରୁ ବୁହେ,
ଛିଣ୍ଡା ଦେହେଁ ସେ ଲଗାଇଛି ଉପବାସୀ ଦୁହେଁ—
ଆଣିଛି ବରଷା ଯେତ ଧନୀ ପାଇଁ
ନବୀନ ଉଲ୍ଲାସ,—
କନ୍ଦାଇଛି ନିସ୍ୱ ପ୍ରାଣ ହାହାକାର ତୋଳି
କ୍ଷୁଧା ! ତୁମେ ସୃଷ୍ଟିର ପ୍ରକାଶ

# ମୋ ଫୁଲଟି କାହିଁ ?

ବନବୀଥି ତୁମ କୁସୁମ ଦୋଳାରେ
ମୋ ଫୁଲଟି କାହିଁ ?
ମୋ ଫୁଲଙ୍କ ନାହିଁ ?
ଅଗଣିତ ଫୁଲେ ଭରିଛ ଏ ତୁମ କୁସୁମ ସଭା,
ଫୁଲଝରୀ ମଥାରେ ସଜାଇଛ ବେଣୀ-କୁନ୍ତଳ-ଗଭା,
ଫଗୁଣ ପବନେ ବନେ ଉପବନେ ବଜାଇ ଉତ୍ସବ ବେଣୁ
ବିହ୍ୱରିବ ଆଜି ସରସ ବସନ୍ତେ କାହିଁ ମୋ କୁସୁମ ରେଣୁ ?
ସୁଞ୍ଜିତ ଏଥି ସୁରଭି ସମ୍ଭାରେ ନାହିଁକି ତାହାର ଠାଇଁ
ବନବୀଥି ତୁମ କୁସୁମ ଦୋଳାରେ
ମୋ ଫୁଲଟି କାହିଁ ?
ମୋ ଫୁଲଙ୍କ ନାହିଁ ?

କିଏ ଫୁଟାଇଲା ଅଗଣାରେ ତବ ସୁମନରାଜି
ସବୁଠୁଁ ଯତନ ସୁଗନ୍ଧ ରତନ
ମନଲାଗି ମୋର କୁସୁମ ଗୋଟିଏ ନଦେଲା ଝୁଣ୍ଟି ।
ଭାବଥିଲି ପୂଜା ଉପହାର ଲାଗି ଗୋଟିଏ ଫୁଲ,
ଫୁଟିଥିବ ସତେ ଗନ୍ଧ ସୁଷମାରେ ଅସମତୁଲ ।
ଜାଣିଲି ଏ ତୁମ ଫୁଲ ଗାଈଜରେ ଜନମ ତାହାର ନାହିଁ,
ବନବୀଥି ତୁମ କୁସୁମ ଦୋଳାରେ
ମୋ ଫୁଲଟି କାହିଁ ?
ମୋ ଫୁଲଙ୍କ ନାହିଁ ?

ବନେ ଉପବନେ ଫୁଟେ ନା ସେ ଫୁଲ
ସହଜେ ସେ ପୁଣି ନହୁଏ ଧରା,
ମନ-ଗହନର ନିରଜନ ପୁରେ
ଅଲସି ଅଲସି ମହକେ ପରା ।
ସବୁଠୁଁ ନିଆରା ସବୁଠୁଁ ସାର
ଭକତ ଜନର ହୃଦୟ ହାର
ଜଣକ ଚରଣେ ଝୁରି ମରିବାକୁ
ଅନ୍ତର ତାହାର ନିରତେ ଚାଇ,
ବନବୀଥି ତୁମ କୁସୁମ ଦୋଳାରେ
ମୋ ଫୁଲଟି କାହିଁ ?
ମୋ ଫୁଲଙ୍କ ନାହିଁ ?

# ପଲ୍ଲୀ

ସେ ଠାବେ ବିମଳ ଉଷା ଶୀତଳ ପବନ
ବିଚିତ୍ର ପୁଷ୍ପେ ମଣ୍ଡିତ ବନ ଉପବନ
ବିହଙ୍ଗର ମୁକ୍ତ ଗାନ,
ଲୁବ୍ଧ ଭ୍ରମରର ତାନ,
ଅମ୍ଳାନ ତପନ ଜ୍ୟୋତି ସୁନୀଳ ଗଗନ
ସେ ଠାବେ ବିମଳ ଉଷା ଶୀତଳ ପବନ ।

ସେଠାରେ ନିର୍ମଳ-ଜଳ- କ୍ଷୁଦ୍ର ତଟିନୀରେ
ନଳିନୀ-ଶୋଭିତ ନୀଳ-ପୁଷ୍କରିଣୀ ନୀରେ
ପଲ୍ଲୀ-ବଧୂ ସ୍ନାନରତା,
ହାସ୍ୟ ମୁଖୀ ଲଜ୍ଜା-ନତା,
ଅଳତା ଚରଣ ପାତି ଚଳେ ଧୀରେ ଧୀରେ
ସେଠାରେ ନିର୍ମଳ ଜଳ କ୍ଷୁଦ୍ର ତଟିନୀରେ ।

ସେ ସ୍ଥାନର ଅଧିବାସୀ ଦରିଦ୍ର କୃଷକ,
ସରଳ ସୁଶୀଳ ପଲ୍ଲୀ ବାଳକା-ବାଳକ
ପ୍ରକୃତ ରଚିତ ପଥ,
ତରୁ ବୀଥି ଅବନତ,
ତରୁଣୀ ନୂପୁର ନାଦ ଲଗାଏ ଚମକ
ସେ ସ୍ଥାନର ଅଧିବାସୀ ଦରିଦ୍ର କୃଷକ ।

ସେ ଗ୍ରାମ ସୀମାନ୍ତେ ଢଗେ ଶାଳ ଧାନ କ୍ଷେତ
ହରିତ-ଶସ୍ୟ ସମୀରେ ଉଡ଼ାଉଛି କେତ,
ଢୋର, ନାଳ, ଉପକଣ୍ଠେ
ଧେନୁ-ପଲ ବିହରନ୍ତେ,
ଛବି ପ୍ରାୟ ଦୃଶ୍ୟମାନ ରକ୍ତ-କୃଷ୍ଣ-ଶ୍ୱେତ
ସେ ଗ୍ରାମ ସୀମାନ୍ତେ ଢଗେ ଶାଳ ଧାନ କ୍ଷେତ ।

ସୁନୀଳ ଦୁକୂଳେ ମଣ୍ଡି ସ୍ୱୀୟ କଳେବର
ପଲ୍ଲୀର ଦିଗନ୍ତ ଶୋଭେ ଚଳନ୍ତ ଆବର
ଖଣ୍ଡ ଲଘୁ ମେଘ ମାଳା
ଆଦର ଗିରି ମେଖଳା,
ପଲ୍ଲୀ-ବଧୂ ଗୃହଁ ରହେ ବ୍ୟଥା ଜର ଜର
ସୁନୀଳ ଦୁକୂଳେ ମଣ୍ଡି ସ୍ୱୀୟ କଳେବର ।

ସେଠାବେ ବସନ୍ତ ଆସେ ଘନ ଆମ୍ର ବନେ,
ବକୁଳ ନିକୁଞ୍ଜ ଶୋଭେ, କଳ-କଣ୍ଠ-ସ୍ୱନେ,

ତହିଁ ଫୁଟେ ନାଗେଶ୍ୱରୀ,
ତମାଳ, ସଦା ବହାରୀ,
ଚୂତ-ନବ-କିଶଳୟ ସଦ୍ୟ ମୁଞ୍ଜରଣେ
ସେ ଠାବେ ବସନ୍ତ ଆସେ ଘନ ଆମ୍ର ବନେ ।

କୁସୁମ ତଳପେ ଉଡ଼େ ରଙ୍ଗ ପ୍ରଜାପତି
ସୁରଭି ଆମୋଦ ଭରି ବାୟୁ କରେ ଗତି
ଗୃହ କୋଣେ ରୁଣୁ ଝୁଣୁ
କିଙ୍କିଣି ନୂପୁର ବେଣୁ,
କର୍ମଠ ଗୃହସ୍ଥ, ପତ୍ନୀ, ସେବା-ଶାନ୍ତମତି ।
କୁସୁମ ତଳପେ ଉଡ଼େ ରଙ୍ଗ ପ୍ରଜାପତି ।

ସେ ଗ୍ରାମେ ସୁଗୃହୁ ସନ୍ଧ୍ୟା ଶ୍ରମ-କ୍ଳାନ୍ତ-ହର
ପ୍ରଶାନ୍ତ-ଯାମିନୀ ତହିଁ ସୁଖ ତୃପ୍ତିଭର,
ତୃପ୍ତିମଗ୍ନ ପଥ ଘାଟ,
ଶାନ୍ତ ସୌନ୍ଦର୍ଯ୍ୟର ହାଟ,
ସୁନ୍ଦର ଚନ୍ଦ୍ରିକା ଧୌତା ମୁଗ୍ଧା ବସୁନ୍ଧରା
ସେ ଗ୍ରାମେ ସୁଗୃହୁ ସନ୍ଧ୍ୟା ଶ୍ରମ-କ୍ଳାନ୍ତ ହର ।

ସେ ଗ୍ରାମର ନାରିକେଳ, ତାଳ ବଣ ଶିରେ
ବାୟସ ବିହଙ୍ଗ ବସା ଦୋହଲଇ ଧୀରେ
ପଲ୍ଲୀର ଗୋଧୂଳି ରାଗ,
ଦେବାଳୟ ଘଣ୍ଟାରବ,

ଛର ଧନ ପ୍ରଭାବିତ ପୂତ-ଭକ୍ତି-ଗୀତରେ
ସେ ଗ୍ରାମର ନାରିକେଳ ତାଳ ବଣ ଶୀରେ,

ନିଦାଗ-ମଞ୍ଜରୀ ପ୍ରୀତ ଅଗଣାରେ ତହିଁ
ସନ୍ଧ୍ୟା-ଦୀପ ପ୍ରଜ୍ୱଳିତ ପ୍ରଦୋଷରେ ଯହିଁ
ବଧୂ ନେତ୍ର ଛଳ ଛଳେ
କରୁଣା ପୀରତ କଳେ,
ପ୍ରଣମେ ଦେବତା ପତି-ଶୁଭ-ଆଶା ବନ୍ଧ,
ନିଦଶ-ମଞ୍ଜରୀ ପ୍ରୀତ ଅଗଣାରେ ତହିଁ,

ସେ ଗ୍ରାମର ଦାଣ୍ଡ ଧୂଳି ଚିର ମୁଖରିତ
ପଲ୍ଲୀ ଶିଶୁ କୋଳାହଳେ, ଅବୋଧ ସଙ୍ଗୀତ
ଗ୍ରାମ ଭାଗବତ ଘର,
ଯହିଁ କଳହ ବିଦୂର,
ପୂତ ବିଷ୍ଣୁ ନାମ ଯହିଁ ନିତ୍ୟ ଉଚ୍ଚାରିତ
ସେ ଗ୍ରାମର ଦାଣ୍ଡଧୂଳି ଚିର ମୁଖରିତ ।

ସେଠାବେ ପ୍ରାବୃଟ କାଳେ କୃଷ୍ଣା କାଦମ୍ବିନୀ,
ପଲ୍ଲୀ କୋଳେ ନାଚିଯାଏ ଶ୍ୟାମା ନିତମ୍ବିନୀ,
ସର ଘାଟେ ଡାକେ ଭେକ,
ତା' ସଙ୍ଗ୍ୟରେ ଅଭିଷେକ,
ଭଙ୍ଗା ଚୂଲି, ଝୁରୁ ଝୁରୁ କୃଷକ-ଗୃହିଣୀ
ସେ ଠାବେ ପ୍ରାବୃଟ କାଳେ କୃଷ୍ଣା କାଦମ୍ବିନୀ ।

ଦୂର୍ବାଦଳ ସ୍ନାନ କରେ ଶାରଦୀୟ ପ୍ରାତେଃ
ପ୍ରଭୂତ ଶିଶିର କଣା ଗୃହ-ଧାର ପାତେ,
ପାଦ ଟାରେ କାଶତଣ୍ଡୀ
ଶୁଭ୍ର ବାସ ଧଏ ମଣ୍ଡି
ସିକ୍ତ ବସୁନ୍ଧରା ବକ୍ଷେ ସ୍ନିଗ୍ଧ ଜ୍ୟୋତ୍ସ୍ନା ଯତେ
ଦୂର୍ବାଦଳ ସ୍ନାନ କରେ ଶାରଦୀୟ ପ୍ରାତେଃ ।

ସେ ଠାବର ପାଠଶାଳା ସୁନ୍ଦର ସରଳ
ଅଧ୍ୟୟନ ରତ ତହିଁ ଗ୍ରାମ୍ୟ ଶିଶୁ ଦଳ
ସୁପଣ୍ଡିତ ଆବଧାନ,
କରୁଥାନ୍ତି ବିଦ୍ୟା ଦାନ,
ବଦାଣ୍ଡ କୁଟୀରେ ଅବା ବଟ ବୃକ୍ଷ ତଳ
ସେଠାବର ପାଠଶାଳା ସୁନ୍ଦର ସରଳ ।

ନବଜ-ପଲ୍ଲବ-ଭରେ-ନତ ତରୁ ତଳେ
ଛଗଳ ମେଷ ଶାବକ ଖେଳେ କୁତୁହଳେ
ବେଣୁ ଶୁଭେ ତୋଟା ବାଟେ
ବଧୂ ବାଳା ଆସି ଘାଟେ,
ବସନ ପାଳନ୍ତି ଯା'ନ୍ତି ଘଟ ଭରି ଜଳେ,
ନବଜ-ପଲ୍ଲବ-ଭରେ-ନତ ତରୁ ତଳେ ।

ସେଠାବେ ବରଜେ ସଦା ପୂର୍ଣ୍ଣିମା ପରବ
ବାର ମାସେ ବାର ବ୍ରତ ଓଷା ମହୋତ୍ସବ

ତହିଁ ନୃତ୍ୟ ଆଉ ଦୋଳ
ନାରୀ କଣ୍ଠ ହୁଳହୁଳି,
ଦେବା ଦେବୀ ଅରଚନା ଆନନ୍ଦର ରବ
ସେଠାରେ ବାଜେ ସଦା ପୂର୍ଣ୍ଣିମା-ପରବ ।

ନାହିଁ ତହିଁ ପ୍ରଲୋଭନ ଚାତୁରୀ ଛଳନା,
ସବୁଜ ସୁଷମା ଭରା ପ୍ରକୃତି-ଲଳନା;
ତାର ସ୍ତନେ ମଧୁ ସ୍ମୃତି
ମାଟି ଶସ୍ୟେ ସଜୀବିତ,
କୁଟୀର ଚତ୍ୱରୁ ପ୍ରବାହେ ଶିବ ସମ୍ଭାବନା,
ନାହିଁ ତହିଁ ପ୍ରଲୋଭନ ଚାତୁରୀ ଛଳନା ।

ନାହିଁ ତହିଁ ଐଶ୍ୱର୍ଯ୍ୟର ମତ୍ତ ଆଡ଼ମ୍ବର
କର୍ମ କୋଳାହଳେ ନୁହେଁ ଧ୍ୱନିତ ଅମ୍ବର
ସେଠାରେ ଜୀବନ ଗତି
ସହଜ ସରଳ ଅତି,
ମରୀଚିକା ପଛେ ନାହିଁ ଯୁଦ୍ଧ ନିରନ୍ତର
ନାହିଁ ତହିଁ ଐଶ୍ୱର୍ଯ୍ୟର ମତ୍ତ ଆଡ଼ମ୍ବର ।

ନାହିଁ ତହିଁ ପ୍ରଣୟର କଠିନ ସନ୍ଧାନ,
ବାସ୍ତବ ପ୍ରୀତିରେ ତହିଁ ତୃପ୍ତି ମହୀୟାନ
ତରୁଣ ଅନ୍ତର ହାସ
ତରୁଣୀର ରୁଦ୍ଧ ହାସ,

ତା..................
ରାଉରକେଲା


ଏ ସବୁର ବିଶ୍ଳେଷଣ ପାଇ ନାହି ସ୍ଥାନ
ନାହିଁ ତହିଁ ପ୍ରଣୟର ଜଟିଳ ସନ୍ଧାନ ।

ଓଢ଼ଣା ଭିତରେ ହସେ କାନ୍ଦେ ବଧୂ-ସତୀ
ବ୍ରୀଡ଼ାଭରେ ଦେଇ ଥାଏ କାନ୍ତ ପଦେ ମତି
ପରକୁ ଆପଣା ବନ୍ଧୁ,
କରଏ ତା ପ୍ରାଣ-ମଧୁ,
ନାହିଁ ତହିଁ ପ୍ରତିବାଦ ଚପଳ-ପ୍ରଗତି
ଓଢ଼ଣା ଭିତରେ କାନ୍ଦେ, ହସେ, ବଧୂ-ସତୀ ।

ସେଠାରେ ପ୍ରକୃତି ଶାନ୍ତ ନିଭୃତ ନିର୍ଜନ
ଛାୟା ଘେରା କ୍ଷୁଦ୍ର ଗୃହ କ୍ଷୁଦ୍ର ଆୟୋଜନ,
ତହିଁ ନର ନାରୀ ପାଇଁ
ପଲ୍ଲୀ ଲକ୍ଷ୍ମୀ ନିଜେ ଯାଇଁ,
ଦେଇଛନ୍ତି ରଚି ସୁଖ ଶାନ୍ତିର ଭବନ
ସେଠାରେ ପ୍ରକୃତି ଶାନ୍ତ-ନିଭୃତ ନିର୍ଜନ ।

# କେନ୍ଦ୍ର

ନୁହଁ ତୁମେ ସ୍ଫୁରଣ ମାଣିକ
ଅନୁଭବେ ଘଟେ ତୁମ ସତ୍ତା,
ସମସ୍ତରେ ଆକର୍ଷି ସରବେ
ତୁମେ ଥାଅ ଚିର ନିସ୍ପନ୍ଦା ।
ତୁମଠାରେ ହୋଇ ପାରେ ସଦା
ପ୍ରକାଶର ସ୍ଥୂଳ ସମ୍ଭାବନା,
ସୃଷ୍ଟିର ଏ ଅସୀମ ଉରସେ
ହେ ଆଦିମ ନିରପେକ୍ଷ ମନା ।
ଢୋଳି ପାର ତୁମ ସିଂହାସନ
ସୃଜି ଏକ ପରିଧି ମଣ୍ଡଳ,
ବିକାଶର ବର୍ତ୍ତୁଳ ପ୍ରାନ୍ତରେ
ତୁମେ ମାତ୍ର ଏକ ମଧ୍ୟସ୍ଥଳ ।

କ୍ଷୁଦ୍ର ପତଙ୍ଗ ଅଦୃଶ୍ୟ ସକଳେ
ପରିବ୍ୟାପ୍ତ ପୁଣି ଚରାଚର,
ରଚି ନିଜ ସ୍ଥିତି ଚତୁପାଶେ
ପରିଧିର ସ୍ଥାୟୀ ପରିସର ।
ହୋଇ ପାର କ୍ଷୀଣ ଏକ ବିନ୍ଦୁ
ପୁଣି ତୁମେ ସୁନ୍ଦର ଜୀବନ,
ଘୂରି ଘୂରି ପରିଧି ମଣ୍ଡଳେ
ଅସ୍ତଯାଏ ସ୍ୱର୍ଣ୍ଣ ଯଉବନ ।
ଜନ୍ମ ମୃତ୍ୟୁ ଜରା ଆଧି ଯହିଁ
ପ୍ରାଣୀର ଏ ବ୍ୟସ୍ତ ଚପଳତା
ନିଜେ ରହି ପରମ ଉଲ୍ଲାସେ
ସର୍ବେ ଦେଲ କ୍ରୂର ବ୍ୟାକୁଳତା ।
ନୁହଁ ଖାଲି 'ଜୀବନ' ସୌରଭ
ହୋଇ ପାର ପ୍ରେମ ସୁଧାମୟ,
ତୁମକୁ ଆଶ୍ରୟ କରି ଏଥି
ଗାଇଗଲେ କବି ଧନ ଜୟ ।
ବିରହୀର ସଜଳ-କାରୁଣ୍ୟ
ଯୁଗଳର ମିଳିତ ପରାଣ,
ଯାଚିଦେଲେ ସଲିଳ-ମଞ୍ଜରୀ
ପୁଲକର-ମଧୁ-ପୁଷ୍ପ ବାଣ ।
ନିଶୀଥର ନିର୍ମଳ ଜୋଛନା
ପ୍ରଭାତର ସ୍ମିତ ହାସ୍ୟ-ରାଗ,
ଦେଖ ଊର୍ମି ମାଳିକାର ନୃତ୍ୟ
ନବ-ବଧୂ ଅନ୍ତର ସୋହାଗ ।

ପରିଧିର ଦୁର୍ଗମ ଅଙ୍ଗନେ
ତୁମ ଆଶେ ଧରିଛନ୍ତି ଦମ୍ଭ
ନିରନ୍ତର ଆତୁର କମ୍ପିତ
ଲଭିବାକୁ ତୁମ ପରିରମ୍ଭ,
ସେହିରୂପେ ଆଜି ସଖା ମମ
କଳ୍ପନା ପରିଧି ଅନ୍ତରାଳେ,
କାନ୍ଦି ଉଠେ ତୁମରି ବ୍ୟଞ୍ଜନା
ତୁମରି ଉଚ୍ଛ୍ୱାସ ପଳେ ପଳେ ।
ମୋହ ପାଇଁ ତୁହିଁ ଏକ ବନ୍ଧୁ
ପ୍ରେମମୟ ଛନ୍ଦମୟ ସ୍ୱନ,
ଛନ୍ଦଘେରା ପରିଧି ଗହନେ
ମୋ ପ୍ରାଣର କବିତା ସ୍ଫୁରଣ ।
ମୋ ସକଳ ଭାବନା କଳନା
ଚଉପାଶେ ବୁଲଇ ବୁଲଇ,
ଅଭିବ୍ୟକ୍ତି ନିପୁଣତା ହରି
ରୂପଛବି ଦେଇ ମୁହୁଲାଇ ।
ଉପହାସ ବାଣେ ଅବଶେଷେ
ବ୍ୟଥିତ ଶ୍ରମିତ ମୋତେ କରି,
ସାବଲିଳ ପ୍ରବାହିନୀ ପରି
ଲେଖନୀରେ ଆପେ ଆସ ଝରି ।

# ଶାଖା-ନଦୀ

ଛାଡ଼ ସଖୀ ଛାଡ଼ ମୋ ପଣତ

ଛାଡ଼ି ଦିଅ ମୋର ହସ୍ତ ବେନି

ସ୍ୱଚ୍ଛନ୍ଦରେ ଚାଲିବାକୁ ଦିଅ,

ଆପଣାର ବରମାଲ୍ୟ ଘେନି ।

ତୁମରି ଚଞ୍ଚଳ ନୀଳ ବକ୍ଷେ

ବାଜି ଉଠେ ଯେ ଅସୀମ ଗୀତି,

ତାହାରି ଉଦାର ପଦ ପ୍ରାନ୍ତେ

ମୋ ପ୍ରାଣର ଅଖଣ୍ଡ ପୀରତି ।

ଦୁଇ ଅଭିସାରିକାର

ଏକ ପ୍ରିୟ ଏକଇ ଦୋସର,

ଜଣକର ପରଶ ଆଶାରେ

ବେନି ହିୟା କମ୍ପେ ଥରଥର ।

ଦୁ'ପ୍ରାଣର ବିଭିନ୍ନ ସମ୍ଭାରେ
ଭରଦେଇ ଏକ ଅର୍ଘ୍ୟଥାଳୀ
ଅରପିବା କେମନେ ସଜନି
ସମମନ୍ତ୍ରେ ଯୁଗ୍ମ ଅଶ୍ରୁ ଢାଳି ?
ପ୍ରିୟତମେ ମିଳିବାର ଯେଉଁ
ସ୍ୱଭାବିକ ଉନ୍ମାଦନା ମନେ,
ଦ୍ୱିଗୁଣିତ ହେବ ଖାଲି ଆମ
ମିଳନର ଏହି ଭଙ୍ଗୀ-ଛନ୍ଦେ ।
ଦୁଇଟି ଜୀବନ ଅନୁଭୂତି
ଦୁଇ ଗୋଟି ସ୍ୱତନ୍ତ୍ର ରାଗିଣୀ,
ଏକା ସଙ୍ଗେ ଗାଇବା କପରି
ଏକ ହୃଦ ଏକାସଙ୍ଗେ ଜିଣି ?
ଛାଡ଼ ସଖୀ ଛାଡ଼ ମୋର କାନ
ତୁମେ ଗୃଲ ଚପଳ ଗରବେ ।
ନଚାଇ ମୋ ଗାଲ ଯଉବନ
ମୁଁ ଗୃଲବ ମଧୁ-ଗୀତି ରବେ,
ଆପଣାର ପ୍ରାଣର ପ୍ରାଚୁର୍ଯ୍ୟ
ଭରି ଦିଅ କିଛୁ ମୋର ମନେ,
ଆପଣାର ପିପାସା-ମଦିରା
ଢାଳି ମୋର ଫୁଲ୍ଲ ଯଉବନେ ।
କହିଁତ ଗୋ ପୁଲକର କନ୍ୟା
ଦିଅ ସଖୀ ଛୁଇଁ ମୋର ଓଠେ,
ତୁମ ହୃଦ ଗୋପନ ସଙ୍ଗୀତ
ଶିଖାଅ ମୋ କଳ କଳ କଣ୍ଠେ ।

ଏହି ସ୍ୱପ୍ନୁଁ ଏ ଅର୍ଦ୍ଧ ପଥରୁ
ତୁମ ପାଖୁଁ ଦିଅ ଗୋ ମେଲଣି,
ନୂତନ ପଥର ମାୟା ଆସି
ପ୍ରାଣ ମୋର ଡାକ ଦେଉଛି ।
ନାଚିବାକୁ ଛାଡ଼ି ଦିଅ ମୋତେ
ମୋ ମନର ଆକୁଳ ଛନ୍ଦରେ ।
ଉଠାଅ ମୋ ବ୍ୟାକୁଳ କ୍ରନ୍ଦନ
ବେଦନାର ନିର୍ଜନ କନ୍ଦରେ ।

ଦିଅ ନେଇ ନିଜ ଅନୁଭୂତି
ରଚିବାକୁ ଦିଅ ନିଜ ପଥ,
ଛୁଇଁବାକୁ ସୁଲଭେ ଅନ୍ତର
ପୂର୍ଣ୍ଣ କର ମୋର ମନୋରଥ ।
ପୃଥକେ ମୁଁ ନିଜ ରୂପ ଧରି
ସାବଲୀଳ ପ୍ରବାହିନୀ ପରି,
ଅନ୍ତଃସରୁ ଅସୀମର ସ୍ୱନ
ଝୁରିପିବ ତନ୍ତ୍ରୀ ଥରି ଥରି ।
ଯିବି ମୁହିଁ ନୂତନ ଗାଇକେ
ମୁକତ ଏ ବ୍ୟୋମ ତଳେ ବନ୍ଧୁ,
ଅନାଗତ ବେଦନା ଆନନ୍ଦେ
ଛୁଇ ଦେବି ଏ ପରାଣ, ସନ୍ଧୁ !!!
ମୁଁ ଦେଖିବି କମଳ ପ୍ରଭାତେ
ଦଉଁଳ ଚପଳ ଶିଶୁ ସମ,
ସୂର୍ଯ୍ୟ ମୋର ଭରି ଦେବ ଅଙ୍କ
ସୁରୁରୁ ତା ହାସ୍ୟ ଅନୁପମ ।

ଦିନ ଶେଷେ ଆସନ୍ନ ସନ୍ଧ୍ୟାରି
ଧୋଇ ଯିବ କୃଷ୍ଣ ଚେଲାଞ୍ଚଳ,
କ୍ରୀଡ଼ାବତୀ ପଲ୍ଲୀ ସିମନ୍ତିନୀ
କଳସୀରେ ଭରିଯିବ ଜଳ ।
ପ୍ରାବୃଟର ଶ୍ୟାମଳୀ ବରଷା
ଢାଳିଯିବ ମୋର ବକ୍ଷ ପରେ,
ବସନ୍ତର ଦକ୍ଷିଣା ମଳୟ
ଚୁମ୍ବିବ ମୋ ତନୁ ହର୍ଷଭରେ ।
କଦାଚର ଅଥୟ ମୌସୁମୀ
ଶୋଷିନେବ ମୋ ପ୍ରାଣର ମଧୁ,
ସେବା ମୋର ପୀୟୂଷ-ପ୍ରବାହ
ବିଶ୍ରାମିବ ମୋ ପଥିକ-ବନ୍ଧୁ ।
ଜ୍ୟୋତ୍ସ୍ନା ତାର ରୁପେଲି ବୋଉଡ
ବାନ୍ଧିବ ମୋ ପେଲବ-ତରଙ୍ଗେ,
ମାନବର ମାଟିଶେଷ ମୂଳେ
ଜୀବନ କାଟିବ ବହୁରଙ୍ଗେ ।

# କବର ତଳେ

ଏହି କବର ତଳେ
ଲିଭିଅଛି ଯା'ର ଜୀବନ-ପ୍ରଦୀପ
ମୃତ୍ୟୁ-ସମୀରେ ହୋଇ ଧପ ଧପ,
ଶୋଇଅଛି ଯା'ର ନିର୍ଜୀବ-ଶରୀର
ସେ ଥିଲା ଏକଦା ବାଦଶା-ଅମୀର
ଅଶ୍ରୁ-ମାଳିକା ଝରିଛି ତାଙ୍କର
ଶୀର୍ଣ୍ଣ ଶିଥିଳ ତଳେ—
ଏହି କବର ତଳେ ।

ବ୍ୟର୍ଥ ଜୀବନ ଧାରେ

ବାଜିଛୁ ନିରତ ରଣ ଝଙ୍କାର
କମାଣ ଗୁଳିର ଘନ ହୁଙ୍କାର,
ପଥ ପ୍ରାନ୍ତର ବନ ତରୁ ତଳ
ଆଶ୍ରିଛୁ ଯେତ୍କ କତି ଅବିରଳ,
ଶତ୍ରୁ ପାଖରେ ଅପମାନେ ଦେହୁ
ଲୁଣ୍ଠିତ ବାଟେ ବାଟେ—
ବ୍ୟର୍ଥ ଜୀବନ ଧାରେ ।

ଚିର ବିଶ୍ରାମ ଲଭି

ସପନ ଯେ ଦେଖେ ମାଟିର ତଳପେ
ଜୀବନେ କି ଦୁଃଖ ଭୋଗିଛୁ ଅଳପେ !
ବନ୍ଧୁ ସ୍ୱଜନ ଗଲେ ଅପସରି,
ସୁଖ ସାଥୀ ଦୁଃଖେ ଗଲେ ପରିହରି,
ସରସ ଜୀବନ ଧାରଣ କରିଲୁ
ରୂପ ମଧୁର ଛବି—
ଚିର ବିଶ୍ରାମ ଲଭି ।

କାହାଣୀ ତାହାର ଲେଖା

ନୀରବତ ଏଠି ବୁଦ୍ଧ ନିଶ୍ୱାସେ
ପାଷାଣ ସ୍ତୂପର ଦୃଢ ଅଟ୍ଟହାସେ,
ଦେଶ ଦେଶାନ୍ତରେ ଘୂରିଲୁ କପରି
ଦୁଃଖେ ମଣ୍ଡପିର ବେନି କର ଧରି
ବାଦଶା ଗୌରବ ନଲଭିଲୁ ଧନେ,

ନବସିଲ ସୁଖେ ବାଦଶା ଆସନେ
ପ୍ରଜା ରଞ୍ଜନ କରିବାକୁ ତାର
ଅବସର ନାହିଁ ଦେଖା—
କାହାଣୀ ତାହାର ଲେଖା ।

ଅନ୍ତରେ ତାର ଭୟ
ସ୍ନେହ ମମତାର ଗୂଢ଼ ଆବରଣ
କ୍ଷମା କରୁଣାର ପବିତ୍ର ପରଶ,
ଦୁର୍ଦ୍ଦିନେ ତାର ଅସୀମ ଧୀରତା
କର୍ତ୍ତବ୍ୟର ମୁଖେ ସ୍ଥିର ବୁଦ୍ଧିମତା,
କିନ୍ତୁ ସେ କାର କ୍ରୂର ଅଭିଶାପେ,
ଜୀବନେ ଆନନ୍ଦହସ—
ଅନ୍ତରେ ତାର ଭୟ ।

ଭରିଲା ପିତାର ପ୍ରାଣ
ଯେତେବେ ମହର୍ଷିର, ପଳାୟନ ପଥେ—
ଜାଣିଲ ଶିଶୁ ଧୈର୍ଯ୍ୟର ରଥେ;
ନିଷ୍ଠୁରଙ୍କ ଯତେ ତା ସକଳ ଜ୍ୱାଳା,
ମୂର୍ଖ ବ ରଚିଲ ଗ୍ରନ୍ଥର ମାଳା,
ନିଜ ପଥେ ଯାତ୍ରା ହେଲ ଅମୃତ
ରକ୍ତ ପିଣ୍ଡ ଏହି କ୍ଷୁଦ୍ର ମାନବ
ତେଜି ଗଲା ହେତୁ ଧରଣୀ ଉପରେ
ଖୋଦା-ମହମ୍ମଦ-ଅଲ୍ଲାର କରେ
ଯୌବନ ଧନେ କରିବ ପୂରଣ
ପିତାର ବଳସ୍ୱ ଗାନ—
ଭରିଲ ପିତାର ପ୍ରାଣ ।

ଏହୁ ଭବର ତଳୁ

ଯେତେ ଧନ ଥିଲା ମୋଗଲ ରାଜଣ
କଛୁ ଧନ ତହୁଁ ଉଠିଥିବ ନଚ,
ଘୃଣ୍ୟା ରୂପ ଧାରୀ ହୁମାୟୁନ ଆଶା
ତ୍ରବ୍ୟ ଜଣୀଥେ ଅପୂର୍ଣ୍ଣ ପିପାସା,
ଗାଇଥିବ କେତେ ଗୀତ ସୁନ୍ନ-ସୁନ୍ନ
ଝାଙ୍କିଥିବ ନର ଶୁଷ୍କ-ନନ୍ଦନ
ତୁହୁଁ ଦେଖିଥିବ ରାଜଧାନୀ ଲୀଳା ।

ଅସୀମ ସାହସ ବଳୁଁ ।
ଏହୁ କବର ତଳୁ ।

# ସଂକଳ୍ପ

ଆହେ ବଂଶୀଧାରୀ !
କାହିଁ ଯାଅ ଏଡ଼େ ତରତରେ ?
କୁଳପତି ଲିପିକାର ସେ ତବ ହସ୍ତରେ ?
ବୁଝିଛି ବୁଝିଛି ଏବେ, ଚଳ ତବ ହୁଏ ହସ୍ତିନାକୁ,
ଶାନ୍ତିର ପ୍ରସ୍ତାବ ନେଇ କୌରବ ସଭାକୁ ।

କେଶବ ! କେଶବ !
ଦୁଃଖିନୀର ଶୁଣ ନିବେଦନ,
ପାଣ୍ଡବଙ୍କ ବନ୍ଧୁ ବୋଲି ଜାଣେ ତ୍ରିଭୁବନ,
ପ୍ରାଣ ପ୍ରିୟ ସଖା ତବ ଧନଞ୍ଜୟ, ତୃତୀୟ ପାଣ୍ଡବ ।
ଏହା ଯଦି ଭୁଲିପାର, ନାହିଁ କିଛି କ୍ଷୋଭ;
ପାଣ୍ଡବ ମହିଷୀ ମୁଁ ଯେ ଦ୍ରୁପଦ-ନନ୍ଦିନୀ ମହାସତୀ,
ସେ କଥା କି ଭୁଲିଯାଅ, ନାହିଁ କିଛି କ୍ଷତି ।

ହେ ଶ୍ୟାମ ସୁନ୍ଦର !
ଭୁଲି କିନ୍ତୁ ପାରିବ କି ଥରେ ?
କୌରବ ଗୌରବ ଧାତ୍ର ହସ୍ତିନାର ରାଜ ସଭା ତଳେ,
ଭୀଷ୍ମ, ଦ୍ରୋଣ, ଧୃତରାଷ୍ଟ୍ର, ଏଙ୍କ ସମୀପରେ
ଦୁଃଶାସନ ଘୃଣିତ ପିଶାଚ,
ଦୁର୍ବିନୀତ ନରକର କୀଟ;
ଅର୍ଦ୍ଧ ନଗ୍ନ କରି ମୋର ପରିହିତ ବସ୍ତ୍ର ଧରି ଟାଣେ,
ଅସ୍ତ୍ରଧାରୀ ସମାସୀନ ଦୃପ୍ତ ଅଭିମାନେ
ନପୁଂସକ କ୍ଷତ୍ରିୟର ଦଳ
ସ୍ଥିର ଅବିଚଳ,
ମୋର ନଗ୍ନ ଯାନୁ ବକ୍ଷ, ନିର୍ଲଜେ ନୟନେ ଅବଲୋକି
ପ୍ରଲୁବ୍ଧ ଲୋଲୁପ ଦୃଷ୍ଟି ହାଣି—
ପରିହାସ କରିବାକୁ ରହିଥିଲେ ଠାଣି !!!

ଜାଣେ ହେ ମାଧବ,
ହେଲି ଯଦି ପାଶା-କ୍ରୀଡ଼ା ପଣେ ମୁଁ ବିକ୍ରୀତା,
ଦୁର୍ଯ୍ୟୋଧନ ଗୃହେ ସଦା ଦାସୀ ରୂପେ—
ଯେତେ କାଳ ରହିବ ଜୀବିତା,
କିନ୍ତୁ ଦେବ, ନର ପଦେ ଚିର ଧନ ଦାସୀ, ହେଲେ ବୋଲି ନାରୀ
ନାରୀର ସମ୍ମାନ ରକ୍ଷା
ନୁହେଁ କି କ୍ଷତ୍ରିୟ ଧର୍ମ ?
ଭୀତା, ତ୍ରସ୍ତା, ଧର୍ଷିତା, ଅବଳା,

କରେ ଆର୍ତ୍ତନାଦ,
କାହାର ପରାଣେ ତଳେ ଛୁଏଁ ନା ବିଷାଦ,
ସେ ଧନ ଏ ଅନାଥାକୁ ତୁମେତ ଭୁଲିନା,
କାତର ମୋ ଅଶ୍ରୁ ଦେଖି
କରିଥିଲ ଲଜ୍ଜା ନିବାରଣ ।

ହେ ମଧୁସୂଦନ !
ଆଜି ତାକୁ ଭୁଲିବ କିପରି ?
ସେ ଯେ ସତୀ ଆର୍ଯ୍ୟ ନାରୀ !
ଦଳି ପଦ-ବଜ୍ରାଘାତେ କାମନା-କନ୍ଦର୍ପ—
ହସି ହସି ଦେଇ ପାରେ ଲମ୍ଫ
ସମଗ୍ର ଜୀବନ ଦଗ୍ଧ, କର୍ତ୍ତବ୍ୟର ଜାଳି ହୋମାନଳ,
ଦୁଃଖର ବାରିଦ ତଳେ ପାତେ ସେ ଶୟନ,
ଶତ ବଜ୍ର ବକ୍ଷ ପରେ ନେଇ ପାରେ ଟାଣି,
କରିପାରେ ମୃତ୍ୟୁ ଆଲିଙ୍ଗନ,
ହିମାଚଳ ଗିରି ପରି ଧୈର୍ଯ୍ୟ ତାର ପ୍ରାଣେ—
ଶୁଭ୍ର ଅଫୁରନ୍ତ,
ଉଦାର ଗଗନ ସମ ଶାନ୍ତ ସୁପ୍ରଶାନ୍ତ,
ଦୁରନ୍ତ ସାଗର ପରି ଗମ୍ଭୀର ମୁଖର—
ମୁଁ ତ ସେହି ଆର୍ଯ୍ୟ ବାଳା ।

ଏ ଯେତେ କି ତାର ସମର୍ଥନ
ନାହିଁ ପ୍ରୟୋଜନ ?
ଶାନ୍ତ ପ୍ରଭାବରେ କିବା ଅଛି କାର୍ଯ୍ୟ ତବେ ?

ଏ ପ୍ରସ୍ତାବେ ସମ୍ମତି ପ୍ରଦାନ,
ମୋ ପକ୍ଷରେ ଅତି ଅସମ୍ଭବ ।

ଆହେ ଚକ୍ରୀ !
ନିଶି ଦିନ କାମନା ମୁଁ କରେ—
ଚେତନାର ପ୍ରତି ସ୍ତରେ ସ୍ତରେ—
ହସ୍ତିନାର ଅନ୍ତରୀକ୍ଷେ ଜାଗିଉଠୁ ରଣ-ଅଗ୍ନି ଶିଖା,
ଝରିତ ମୋ ରକ୍ତ-ଅଶ୍ରୁ କରୁଅଛି ତାହାର ପ୍ରତୀକ୍ଷା ।
ବିନା ଯୁଦ୍ଧେ ସୂଚ୍ୟାଗ୍ର ପ୍ରମାଣ,
ଭୂମିଦାନେ ନୁହଇ ସମ୍ମତ,
କୌରବର ଠାଣ,
କିବା ନାହିଁ ଜାଣ ?
ପୁଣି କେଉଁ ମୁଖେ, ହୀନ ବୀର୍ଯ୍ୟ ପରି,
ପାଣ୍ଡବଙ୍କ ପ୍ରତିନିଧି,
ଧାଇଁ ଅଛ ସନ୍ଧିର ଏ ଭିକ୍ଷା ଝୁଲି ଧରି ?

ଶୁଣ, ମୋର ନାହିଁ କିଛି ଆଶା
ସତୀତ୍ୱ-ଲାଞ୍ଛନା ପାଇଁ, ନାହିଁ କ୍ଷମା ଦାନ;
ମୋ ପାଖୁଁ ତା ଲଭିବା ଦୁରାଶା;
ଦେଖ ଦେଖ ପିଣ୍ଡିତ ଫାଶୁଳି,
ପ୍ରତିହିଂସା-କ୍ରୂର-ଦାବାନଳ
ଘନ ଘନ ମୋ ବକ୍ଷେ ଆକୁଳି,
ଧୂରେ ଧୂରେ ଜଳି ଉଠେ,

ଉଠେଁ ତାର ଲେଲିହାନ ଶିଖା
ଲେହନ କରିବ ଅବା ନିମିଷକେ, କୌରବଙ୍କ କୁଳ ।
ହେ ରାଧା ରମଣ !
ଦେଖ ଏହି ବେଣୀ ମୁକୁଳିତ
ସହସ୍ର ନାଗୁଣୀ ସମ ଗର୍ଜୁଛି ନିଭୃତ ।
ପ୍ରତିଜ୍ଞା ଅଟଳ
ବକ୍ଷେ ଜ୍ୱଳ ଜ୍ୱଳ,
ପ୍ରବଳ ଅତ୍ୟାଚାରୀ କ୍ଷତ୍ରିୟ ସମାଜ—
ହୋଇ ଯେବେ ସମୂଳେ ନିହତ,
ସ୍ରବିବ ଶୋଣିତ-ବନ୍ୟା-ତୀବ୍ର-ଖର ସ୍ରୋତ ।
ଦୁଃଶାସନ ତପ୍ତ-ରକ୍ତେ ମୁଁ ସେହି ଦିନ—
କରିବି ସଂସ୍କାର,
ସଙ୍କଳିତ ଏହି ମୋ ଚୂର୍ଣ୍ଣିତ
କଳଙ୍କିତ ରକ୍ତ ବେଣୀ ଭାର ।
ହେ କଂସାରୀ !
ଦୁଷ୍ଟଙ୍କୁ ଦମନ କରି ଶିଷ୍ଟର ପାଳନ
କରି ଯଦି ନ କରିବ ଧରଣୀରେ ଧର୍ମ ସଂସ୍ଥାପନ
ଦୁର୍ଯ୍ୟୋଧନ ଉରୁ ଭଙ୍ଗ କରି,
ବିଦୀର୍ଣ୍ଣ ନ କରେ ଯଦି ଭୀମସେନ—
ଦୁଃଶାସନ ବକ୍ଷ;
କ୍ଷତ୍ରିୟ-ନିଧନ-ବ୍ରତ ଭୁଲି ଧନଞ୍ଜୟ,
ଯଦି ଭୁଲେ ଗାଣ୍ଡିବର ଲକ୍ଷ୍ୟ;

ପ୍ରତିହିଂସା ମୋର ନୋହିବ ନିଷ୍ଫଳ,

ରହିବ ଅଟଳ ।

ଶୁଣ ଗିରିଧାରୀ !
ସଂକଳ୍ପ ମୋହର,
ଆଜିଠୁ ସେ ଆଦ୍ୟଶକ୍ତି ଭୈରବୀ କାଳିକା
ହେବି ମୁହିଁ ସମର ଚଣ୍ଡିକା —
ଝଲକା ଝଲକା ରକ୍ତ କରି ମୁଁ ଶୋଷଣ,
ଛିନ୍ନ-ଶତ୍ରୁରେ ଯଜି ଭୂତଳେ ଦେଇ ବଳିଦାନ,
ମୁଣ୍ଡମାଳ ପକାଇବି ଗଳେ,
ଦଂଶୀ ପଟଳ ପଟଳ—
ମାଂସ ଗ୍ରସି କରିବି ଚର୍ବଟ;
ଧରଣୀ ଶ୍ମଶାନ କରି
ଆଡ଼ମ୍ବର
ଅଟ୍ଟହାସେ କରିବି ନର୍ତ୍ତନ,
ଶୁଣ ମୋର ସଂକଳ୍ପ ଭୀଷଣ ।

# ଯୌବନର ଇଙ୍ଗିତ

ଆଜି ଏ କି ନୂଆ ପରଶ ଲାଗଇ ଶରୀରେ,
କି ନବ ଉଲ୍ଲାସେ ଅନ୍ତର ଉଠଇ ଭରିରେ !

ଅଙ୍ଗ ଉଠେ ଯେସନ୍ତେ ନବ ଜାଗରଣେ ଶିହରି
ମନ-ତଟିନୀରେ ଖେଳଇ ପୁଲକ ଲହରୀ ।

ଖୋଲିଗଲା ଯେସନ୍ତେ ପ୍ରସ୍ତେ ମୋ ଜୀବନ ମଲାଟ,
ଭରି ଅବା ଗଲା ନୂତନ ସୌଭାଗ୍ୟେ ଲଲାଟ ।
ଲିଭି ଗଲା ଅବା ଶୈଶବ-ଅଜ୍ଞାନ ଘୁମଟା,
ଅପସରି ଗଲା କିଶୋର-ନିଶୀଥ ଯାମଟା ।
ଏବେ ଦେଖେ ଏକି ନୂତନ-ଦୁନିଆ ସପନ,
ଯୌବନ ଆକାଶେ ଉଜେ, କି ତରୁଣ ତପନ ।

ଯେ ଫୁଲ ଫୁଟଇ ନିତି ସମୀରଣ ପରଶେ,
ଯେ ପକ୍ଷୀ ରବଇ ନିତି ନୀଡ଼ କୋଳେ ହରଷେ ।
ଯେ ନଦୀ ଛୁଟଇ କଳ ସୁଧା ଭରି ଛନ୍ଦରେ;
ଯେ ଗୀତ ଉଚ୍ଚାରି ନୀଳ ପରବତ କନ୍ଦରେ
ସବୁ ଦିଶେ ଆଜି ନୂତନ ସୁଷମା-ପରଶେ;
ନବ ବସୁନ୍ଧରା ଅଙ୍ଗନ ମଣ୍ଡନ୍ତି ସରାଗେ ।

ସହସା ଉଠଇ ଏକ ଅଙ୍ଗ ବ୍ୟାପୀ ଦହନ
ଜ୍ୱଳନ୍ତ ଶିଖା କି ଅଙ୍ଗେ କେହୁ କଲା ଲେପନ ?
ହିଂସା କ୍ରୋଧେ କମ୍ପା ମତି ମୋର ଉଠେ ବିଚଳି,
ଅଜଣା ଉଦ୍‌ବେଗେ କ୍ଷଣେ ସ୍ଥିର କ୍ଷଣେ ଚହଲି ।

ବୀର ଦର୍ପ କମ୍ପା ଅଙ୍ଗେ ମୋର ଉଠେ ଗରଜି,
ବିଜୟ ଗରବ ଜାଗଇ ନମ୍ରତା ବରଜି ।
ସମ୍ମାନେ ହରଷ ଅପମାନେ ବ୍ୟଥା ଜଗାଇ,
ଅସଂଯତ ମନ ଦିଏ କି କଳଙ୍କ ଲଗାଇ ।

ମନେ ହୁଏ ମୋର ଖୋଲିଗଲା ଯେମନ୍ତେ ଫାଟକ,
ନାଚ ବଙ୍ଗଳାରେ ହେଉଛି କି ନୂଆ ନାଟକ ।
ଦେଖିବା ଆଶାରେ ଧାଇଁଛି ପ୍ରବଳ ଜନତା,
ଦେଖିବାକୁ ଅବା ଛଳାଏ ଏ ମୋର ମନଟା ।
ପଡ଼ୁଛି ପଛରେ ବାଜୁଛି ଅଦୂରେ ଠମକ,
ଦର୍ଶକ ଗହଳେ ନାଟକଟି ହୁଏ ଜମକ ।

ନାଚ ବଙ୍ଗଳା ଏ ଦୁନିଆ ଏହାର ବଜାରେ,
ନୂତନ ମେଲଇ ଦେଖେଁ ମୁଁ ଏ ସାଜ ସଜାରେ ।
ମୋର ମଣିଷ ଖୋଲି ଏ ବଙ୍ଗଳା-ଦ୍ୱାରଗ,
ଜୀବନ ନାଟକେ କରେ ମୃତ୍ୟୁ ବ୍ୟଥା ବରଣ ।

ବେଶ ଭୂଷା ରନ୍ କଣ୍ଟ ମୁଁ ଦେଖାଏଁ ଝଟଇ,
ଆନ ମନେ ଦେଖି ବାସନା-ସତ୍ୟ ରଚଇ ।
କେତେ କାମୀ ମନ ପାଇବାକୁ ଏକ ସଙ୍ଗିନୀ,
କାନ୍ଦିବାକୁ ପ୍ରାଣ ପୀରତି ଆବେଗେ ରଙ୍ଗିନୀ ।
ଗୃହେଁ କାମୀ ମନ ବିରହିଣୀ ସଦା ରଜନୀ,
ପାଶେ ଥାନ୍ତା କେଉଁ ଦୂର ପରଦେଶୀ ସଜନୀ ।

ଶୁଣିଯ ଏ ବେଳେ ଖୋଲିଲେ ପ୍ରାଣୁ ଝଙ୍କିର,
ବାଜି ଉଠେ କାର ଲେଳନ୍ତି ପୟୂର ମଞ୍ଜିର ।
ଜାଗି ଉଠେ କେଉଁ ଅଥୟ ବୁଭୁକ୍ଷା ସଘନେ,
ଅନ୍ତର ମୋର କି ପିପାସା-ଗରେ ମଗନେ ।

ଧନ ଦଉଲତ ଲଭି ସୁଦ୍ଧା ନାହିଁ ତୃପତି,
ଇତସ୍ତତ ଯେତେକେ ଝଙ୍କିର ମାନସ-ନୃପତି ।
ହୃଦ ତନ୍ତ୍ରୀରେ ବଜାଏ କେ ନବ ସଙ୍ଗୀତ,
ଏହି ଜାଗରଣ, ଏହି ଯଉବନ ଇଙ୍ଗିତ ।

# ବଧୂ

ଦୂର ଦେଖୁଁ ଉପଗତ ଶିବକାର ମୁହୂର୍ତ୍ତ ପଥ,
ତନ୍ମଧ୍ୟୁଁ ନମିଲେ ଧୀରେ ବଧୂ-କନ୍ୟା ମଥା ଅବନତ ।
ପୁରନାରୀ ବରିନେଲେ ହୁଳ ହୁଳି ଶଙ୍ଖ ଧ୍ୱନି କରି,
ଗୃହ କୋଣ ଆଦରିଲେ ନବ-ବଧୂ ବୁକୁ ଥରହର ।

ଆଗୋ ବଧୂ ! ବ୍ରୀଡ଼ାବତୀ ପୁଷ୍ପିତା ସୁନ୍ଦରୀ ବାଳା ଧଙ୍ଗୀ,
ଲମ୍ବିତ ଓଢ଼ଣା ତଳେ ସୁନା ତୁମେ ଅପୂର୍ବ ଅନଙ୍ଗୀ ।
ଆନତ କରୁଣ ଦୃଷ୍ଟି ସ୍ୱପ୍ନାତୁର ନମ୍ର-ପଲକ,
ଦ୍ୱିପାଶେ କୁଣ୍ଡଳୀ କୃତ ବେଣୀଭ୍ର-ଶିଥିଳ-ଅଳକ ।
ସନ୍ଧ୍ୟାର ସୁନ୍ଦର ତାରା ଘୁମନ୍ତ ପଲକ ପଟରେ ଜାଗେ,
ଅପରୂପା ତୁମେ ଆଜି କୁଙ୍କୁମ-ଚନ୍ଦନ-ପୁଷ୍ପ-ସଗେ ।
ଗୋଧୂଳିର ରକ୍ତ ରଙ୍ଗ ଜ୍ୱଳୁଛି ଚିବୁକ ରେଖା ତଳେ,
ଚମ୍ପକ ବଦନେ ଅବା ପ୍ରଭାତ-ଅରୁଣ ଦୀପ୍ତି ଝଳେ ।
ପରିମଳ-କାନ୍ତିଯୁକ୍ତ ସ୍ୱେଦ-ସିକ୍ତ ଅଙ୍ଗଲତା ତଳେ,
ଯୌବନର ଢେଉ ଉଠେ ଘନ ବକ୍ଷ ସ୍ପନ୍ଦନର ଛଳେ ।

# ନବଣୀତା

ପିତ୍ରାଳୟୁ ବିଚ୍ଛେଦରେ ବିରହରେ ଆତ୍ମୀୟୁ ପଦ୍ମେକ୍ଷଣୀ,
ନୟନରୁ ଅଶ୍ରୁ ବିନ୍ଦୁ କ୍ଷଣେ କ୍ଷଣେ ଝରଇ ରୂପସୀ ।
ଆସନ୍ନ ମିଳନ ଲଗ୍ନ ସ୍ମରଣରେ ପଡ଼ିଲେ ଭ୍ରମର,
କମ୍ପି ଉଠେ ସ୍ଫୀତ ବକ୍ଷ, ସ୍ମିତ ହାସ୍ୟ ଚୁମ୍ବଇ ଅଧର ।

ନାରୀର ବେଦନା ଧରି ରୂପ ଧରି ହୃଦ ଉପବନେ,
କିଶୋରୀ ଜୀବନୁଁ ଅଙ୍କ ଉଙ୍କାଇଛି ନବ ଯଉବନେ ।
ପଶ୍ଚାତେ ନାଚଇ ଦୂରୁ ଶୈଶବର ଲୀଳା ସୁଖକର,
ସମ୍ମୁଖେ ବିସ୍ତାରେ ଏକ କର୍ମମୟ ଜୀବନ-ପ୍ରାନ୍ତର ।

ପୁହାଇଲେ ପରିଣୟ ଉତ୍ସବର ଶୁଭ-ନିଶିଥିନୀ,
ନବ ଗୃହେ ସାଜିବ ଗୋ ତୁମେ ଏବେ ନବ ଅତିଥିନୀ ।
ବାନ୍ଧି ଦିଅନ୍ତୁ ଗୋ ନାରୀ ମସ୍ତକର ଗୁରୁ ଘନ କେଶ,
ପିନ୍ଧାଇ ଦିଅନ୍ତୁ ଅଙ୍ଗେ ବଧୂ-ବାସ କରିଣ ସୁବେଶ ।

ସଜାଇ ଦିଅନ୍ତୁ ସଖୀ, ଅଙ୍ଗେ ନବ ରତନ ଭୂଷଣ,
ଦୋଳନ-ମୁକୁଟ ଶିରେ ପାଦେ ଧୀରେ ଅଳତା ଚରଣ ।
ମିଳନ ମଣ୍ଡପ ତଥେଁ ଚଳ ବାଳା ଶୁଭ ଅଭିସାରେ,
ଯୌବନର ଜୟମାଲ୍ୟ ଦେବାକୁ ପତି ଦେବତାରେ ।

ପରିଣୟ ଶୁଭ-ବାଦ୍ୟ, ଶୁଭ ଶଙ୍ଖ ଶୁଭ ମାଙ୍ଗଳିକ,
ଉଚ୍ଛ୍ୱଳି ଉଠଇ ଆଜି ମାନ୍ଦାରରୁ କି ଐନ୍ଦ୍ରଜାଳିକ ।
ଉତ୍ସବ ବେଦିକା ପରେ ଧୂପ-ଦୀପ ମେଘ ସମାରୋହେ,
ନୈବେଦ୍ୟର କଳସ ଘଟିକା ଆଦି ନାନା ଦ୍ରବ୍ୟ ଶୋହେ ।

ଏହି ମଣ୍ଡପ ଉପରେ ବର-ବଧୂ ଉପବେଶି, ଦୁଇ,
ଜୀବନ-ଯୌବନ କାଳେ ଶପଥ ମାନନ୍ତି ବ୍ରହ୍ମ ଛୁଇଁ ।
ଆଜି ତହିଁ ପ୍ରିୟବନ୍ଧୁ, ସୁବେଷ୍ଟିତ, ଅକଳନ୍ତ ଜନେ,
ସକଳ ସମୀପେ ତୁମେ ଦୃଢ ବ୍ରତ ନେବ ଦୁଇ ଜଣେ ।

ପତି ଲଭ ଥିଲା ଯାହା ଜାଗରିତ ନିଶାର ସ୍ୱପନ;
ଆଜି ଗୋ ହୃଦୟାକାଶେ ଉଦିତ ସେ କନକ-ତପନ,
ଯାର ପ୍ରିୟ ଲାଗି ବହୁ ଗଢିଥିଲ ତୁମ ତନୁ-ରୂପ ।
ଯାର ଉପାସନା ଲାଗି ଫୁଟିଥିଲ ବୃନ୍ତ କୋଳେ ପୁଷ୍ପ ।

ତା' ସାଥେ ମିଳନ, ଯେଉଁ ଯୁଗ ଯୁଗ ବାଞ୍ଛିତ ସେ ପ୍ରିୟ,
ସେ ଦେବ ଚରଣ ତଳେ ଆଜି ଧୀରେ ମଥା ପାତି ନିଅ ।
ସୌନ୍ଦର୍ଯ୍ୟ ମାଧୁର୍ଯ୍ୟ ଭରି ଚଳ ଚଳ ଯଉବନ ତବ,
ନିବେଦିବ ଦେବତାରେ ପ୍ରୀତିର ନୈବେଦ୍ୟ ଅଭିନବ ।

ପ୍ରଥମ ପ୍ରେମ ସୋହାଗ କିବା ସ୍ପର୍ଶ ଦେବ ତୁମ ପ୍ରାଣେ,
ନୂତନ ଭୁବନ ତବ ପୂରିଯିବ ନୂତନତ୍ୱ ଗାନେ ।
ପ୍ରଥମ ମିଳନ ରାତି କି ସୁନ୍ଦର ସ୍ୱପ୍ନ ଦିବ ଆଙ୍କି,
ପ୍ରଥମ ପ୍ରେମ ଛବିର ରଙ୍ଗ ଦେବ କି ପୀୟୂଷ ମାଖି ।

ଉଲ୍ଲାସର ଏ ଉତ୍ସବେ ଆଜି ତୁମେ ଅନ୍ତରର ଭୂଷା,
ଲଭେଜ ଗୋ ନପାଏ ପଥ ଚାଲିବାକୁ ଅନ୍ତର ପିପାସା
ନାରୀର ଜୀବନ ତୁମେ ସାର୍ଥକ ଗୋ କରିବା ମାନସେ ।
ପତି ଗୃହ ଆଦରିଲ ପ୍ରିୟତମା ଧର୍ମପତ୍ନୀ ବେଶେ ।

ଅକଳୁଷା ଉଷା ସମ ହେ ସୁନ୍ଦରୀ ପୁଣ୍ୟ କ୍ଷଣେ ତୁମେ,
ସ୍ୱାମୀର ସେବିକା ରୂପେ ବ୍ରତ କଅ ଏ ମରତ ଭୂମେ ।
ତବ ଆବର୍ଭାବେ ସତୀ, ଧନ୍ୟ ହେଉ ଗୃହସ୍ଥ ସଂସାର,
ନାରୀର କରୁଣା ଦାନେ ମୁକୁଳିତ ହେଉ ମୁକ୍ତି ଦ୍ୱାର ।

# ତରୁଣୀ ବଧୂର ଲାଜ

ଆଗୋ ଲଜ୍ଜା ତୁମେ,

ସେ ଦିନ କମ୍ପା କରିଲ ଆଲିଙ୍ଗନ—
ଯେ ଦିନ ମୋତେ ଛୁଇଁଲା ଯଉବନ ?
ତନୁରେ ମୋର ପଶିଗଲା ମାଖି
ମୋହନ ଘଗେ ଭରିଲା ଦୁଇ ଆଖି ।
ବେଢ଼ାରେ ମୋର କଳସୀ ଗଲା ଥୋଇ,
ଘରକ ଦ୍ୱାର ସୁଷମା ମାରେ ଧୋଇ ।
ବଢାଇ ମୋର ରୂପର ଜାଗରଣ,
ନତନେତ୍ରେ ଛୁଇ ବପୁଳ ପ୍ରେମାଧୀନ ।
ଚଳନ୍ତି ପଦେ ଅଳସ ତୂଳି କରି,
ଅଙ୍କିଲ ମୋତେ ରକ୍ତ-ଜବାଧରୀ ।
ବୁକୁରେ ମୋର ଭରିଲା କି ପୀଡ଼ନ,
ଯେ ଦିନ ମୋତେ ଛୁଇଁଲା ଯଉବନ ।

ଆଗୋ ଲଜ୍ଜା ତୁମେ,
ସେ ଦିନ କମ୍ପା ଠାରିଲ ମୋତେ ଆଖି,
କାନରେ ମୋର ଗୋପନ ଡାକ ଡାକି ?
ଯେ ଦିନ ମୋତେ ଛୁଇଁଲା ଯଉବନ,
କିଶୋରୀ ପ୍ରାଣେ ଜଗାଇ ଉଚ୍ଚାଟନ ।
ଅପାଙ୍ଗେ ମୋତେ ନାରୀଏ ଲକ୍ଷ କରି,
କହିଲେ ମୁଁ ଯେ ପୁଷ୍ପିତା-ସୁନ୍ଦରୀ ।
ଗୃହିଣୀ ଯୋଗ୍ୟା କହିଲେ କେତେ କିଏ,
ଘଟଣ ହେବ ମୋ ପାଇଁ ବରଟିଏ ।
ଅନ୍ଧାର କୋଣେ ରହିବା ହେଲା ସାର,
ଆନନେ ବହି ତୁମରି ଗୁରୁଭାର ।
ସେ ଦିନ କମ୍ପା ଗୋପନ ଡାକ ଡାକି
ଲଜ୍ଜା ତୁମେ ଠାରିଲ ମୋତେ ଆଖି ?

ଆଗୋ ଲଜ୍ଜା ତୁମେ,
ସେ ଦିନ କମ୍ପା କରିଲ ମୋତେ ଥଟ୍ଟା ?
ଆତୁର ପ୍ରାଣେ ବ୍ୟାକୁଳ ଧଟଧଟା ।
ଯେ ଦିନ ବନେ ଫୁଟିଲା ମୋର ଫୁଲ,
ପ୍ରେମ ପରାଗେ ରଙ୍ଗିମା ରସ-ତୁଳ ।
ବାସନା ଅଳି ଚୁମ୍ବନ ଦେଲା ଫୁଟେ,
ଜାଗିଲା ନବ ସ୍ଫୁରଣ ବାସ ଛୁଟେ ।
ମନର କେଉଁ କଣ ପାହାଡ଼ ଛେଦି,
କଳପନାର ଗୋପନ ବୃନ୍ଦ ଭେଦା ।

ପରଶି ମୋର ସୁବାସ ବୈତରଣୀ,
ଝୁରିଲୁ ଧୀରେ ପ୍ରେମର ପୟସ୍ୱିନୀ ।
ଫଗୁଣ ଗଲା ଜୋଛନା ପରକାଶି,
ଭଗ୍ନ ଭୋଦୁଏ ବଉଦ ଗଲା ଭାସି ।
ଶରତ ଗଲା ମରତ ସରସାଇ,
ଶିଶିର କଣା ଦୁବାଗଲା ଛୁଇ ।
ଚଇତ ବନେ କୋଇଲି କଲା କୁହୁ,
ବୈଶାଖ ଝାଞ୍ଜି ବହିଲା ମୁହୁର୍ମୁହୁ ।
ଅଫୁଟ କଥା କଣ୍ଠେ ଗଲା ଥରି,
ଅବୁଝ ମନେ ଗାଇଲି ଆଶାବରୀ ।
କହିଲି କେତେ ପୋଡ଼ା ମୋ କପାଳଟା ।
ଲଜ୍ଜା ତୁମେ କରିଲ କ୍ଷମା ଅହଟା ?

ଆଟଗା ଲଜ୍ଜା ତୁମେ,

ସେ ଦିନ କ୍ଷମା ଖେଳିଲ ଲୁଚକାଳି,
ଛାତିରେ ମୋର ମଦନ ଦାହ ଜାଳି ।
ବାସର ଶେଯେ ଯେ ଦିନ କାମ ଭେଟିଲେ,
ଆଦରେ ସିଏ ଠାଣିଲେ ଯେବେ କୋଳେ ।
ସେ ଦିନ କନ୍ଦ୍ର ସରମ ତୁମେ ଜାଣ,
ଜୀବନେ ମୋତେ କରୁଛ ହଇରାଣ ।
ତୁମରି ଲାଗି ପର ପୁଅଙ୍କ ମନେ,
ବ୍ୟଥା ଯେ କେତେ ଦେଇଛୁ ଅକାରଣେ ।

ସେ ଯେବେ ମୋର ଟାଣିଲେ ଚେଳାଞ୍ଚଳ,
ଉଚ୍ଚାଟ ମନ କହିଲେ ଟଳ ମଳ ।
ସେ ଯେବେ ମୋତେ ନିବିଡ଼ ବନ୍ଧନରେ,
ଚୁମ୍ବିଲେ ବକ୍ଷ ଅରୁଣ-ରକ୍ତାଧରେ ।
ମୋ ଯଉବନ ଗୋପନ ସ୍ଫୁର ଦେଇ,
ସମ୍ଭାର ଯେତେ ଚତୁରେ ଗଲେ ନେଇ ।
ବାରଣେ ତାଙ୍କୁ ନଥିଲା ମୋର ସାଧ୍ୟ,
ଭରସା ତୁମ ଦେଖିଲି ହୋଇ ବାଧ୍ୟ ।
ସେ କ୍ଷଣେ ତୁମେ ଗଲ ବା କାହିଁ ଚୁଲି,
ସେ ଧନ କର୍ମା ଖେଳିଲ ଲୁଚକାଳି ।

# ଉପେକ୍ଷିତା

ଶିରୀଷବଣ ସଞ୍ଜେ କହୁଥିଲ ଦିନେ
ଡୋଳିବାକୁ ଅଭିସାରେ,
ଏ ମୋର ପ୍ରଣତ ଅଙ୍ଗ-ଲତାକୁ
ତୁମରି ଚରଣ ଧାରେ ।
ଆଜି ବରଷାର ଝର ଝର ଝର
ମଦନ କରୁଛି ବୁକୁ ଜରଜର,
ଶୀତଳ-ବାଷ୍ପ-ଗନ୍ଧ ମାଟିର
ବାସନା ଉଠିଛି ମାତି,
ଯୌବନ-ତୃଷା ବଦ୍ଧାରଣ କରେ
ଆକୁଳ ପସ୍ୱଣ ଛାତି ।

ଆସିବ ନାହିଁ କି ପ୍ରିୟତମ ଆଜ
ଏ ମୋର ଅଗଣା ତଳେ ?
ବୃଥା ତେବେ ଏତେ ଜାଳିଲି ପ୍ରଦୀପ
ନିଶି ଜାଗରଣ ଛଳେ !
ପ୍ରଦୀପର ଶିଖା ହେଲା ଆସି ମ୍ଳାନ,
ସରି ଆସେ ତାର ଜୀବନର ଗାନ,
ଶ୍ରାବଣୀ-ନିଶାର ହୁଏ ଅବସାନ,
ଦିଗନ୍ତ ପ୍ରତୀଚୀ ତଳେ,
କାହା ଲାଗି ତେବେ କନ୍ଦାଇ ପରାଣ
ଭାସିଲି ନୟନ ଜଳେ ?

ଅଭିସାର ଲାଗି ଦେଖ ଏ ଋତୁର
ଉଚ୍ଛଳିତ ଆୟୋଜନ,
କ୍ଷଣିକା-ଚପଳା-ଝଲକ-ସ୍ଫୁରଣ
ବାରିଦର ଗରଜନ ।
ସଜଳ-ବିରହ-କ୍ରନ୍ଦନ-ଅସରା
ଅଜାଡ଼ି ଦେଇ ତା ବ୍ୟଥାର ପସରା
ବରଷା ତରୁଣୀ ଶୁଭ ଦେଲା ଧରା
ମଥା ପିଠି ଘନ ଘନ,
କ୍ଷଣଦା କୁନ୍ତଳେ ଅଦ୍ଭୁତ ନେଶିଲା
ଗାଢ଼ତମ ରସାଞ୍ଜନ ।
ପାହୁ ଆସେ ଦେଖ ସେ ମେଘ ମେଦୁର
ଘନ ଶ୍ରାବଣ ସାଜ,

ଚୁମ୍ବିଲ ନାହିଁ ତ ତୃଷିତ ଅଧର
ହେ ମୋର ପରାଣ ସାଥି !
ଶୀର୍ଣ୍ଣା ଗୃହଣୀ ମେଲୁଛି ନୟନ
ମୋ ପାଖୁଶେ ତବ ନିବାଢ଼ ଶୟନ,
ଉରଜ-ଅଙ୍ଗନୁ ସୁମନ ଚୟନ
ଛୁଡ଼ ପରେ ରଖା ଛୁଡ଼,
କଳପନା ଖାଇ କଳପନା-ଗୀତେ
ଭରିଲି ସୋହାଗ ସ୍ୱର ।

ତୁମେ ସିନା ପ୍ରିୟ ବୁଝିଲନା ଭଲେ
ମନ ଗହନର କଥା,
ସୁଦୂର ପିୟାସୀ ପ୍ରାବୃଟ ଆଜ
ବରଷିଲ ସମବ୍ୟଥା ।

ହସ ଫୁଟା ମୁଖ, ପ୍ରାଣେ ଥାଇ କ୍ଲେଶ
ସହୁଏ ଗୃହର କ୍ଷୀଣ ଉନ୍ମେଷ
ପିନ୍ଧାଏ ମୋତେ ଗୋ ଅଭିମାନ ବେଶ
ଅଶ୍ରୁଳ ଆଖି ପତା,
ଭରୁକ ଉଠଇ କଦାଚିଣ କୋହ
କହିଦେ ଢୋଳି ମଥା ।
ଅଭିମାନ ଭଙ୍ଗ କରିବାକୁ ସତେ
ଭଲ ପଡ଼େ ମୋର ମନ,
ମରମ ଦରଦ ନିଗାଡ଼ି ଦେବାକୁ
ଆଖି ହୁଏ ଥନ ଥନ ।

ତୁମର ଯେତେକ ସ୍ମୃତି ମଧୁର
ମନେ ହୁଏ ସବୁ ଜଳିବାକୁ ଦୂର
ରକ୍ତ ବେଦନେ କରି ଭରପୂର
ଆଗୋର ଏ ଦରପଣ,
ଝଙ୍କାଇ ଦେବାକୁ ଏ ତନ୍ତ୍ରୀ ମୁକୁଳ
ଝଙ୍କୁ ଝଙ୍କୁ ପ୍ରିୟଜନ ।
ଯାହା ପାଇଁ ଥିବା ଅଭିମାନ ସ୍ରୋତେ
ଭରିବ ଏ ମୋର ପ୍ରାଣ,
ଆପଣାର ହୋଇ ସେ ଯଦି ବିନ୍ଧିଲ
ମରମେ ନିଷ୍ଠୁର ବାଣ ।
ସେ ଯଦି ଯାଚିଲ ଏହି ଉପହାର
ଜଳାଇ ପୋଡ଼ାଇ ଘାରି ମାରି ବାର
ତୁଚ୍ଛା ଅଭିମାନ କି ହେବ ତାହାର,
କାହା ପାଇଁ କିବା ଜାଣ,
ତୁମେ ଯେ କହୁଛ ଭଲପାଅ ମୋତେ
ସେହି ମୋର ପ୍ରତିଦାନ ।

ଆଉ ବା କି ହେବ ଅଭିମାନ ମୋର
ନଇରାଶ୍ୟ ସିନା ସାର,
ଏହା ଯଦି ହୁଏ ଶେଷ ପରିଣତି
ଜଣେ ଭଲ ପାଇବାର ।
ତୁମେ ଥୁଅ ସଦା ଦୂରେ ଦୂରେ ଦୂରେ
ଅନନ୍ତ ଅଭେଦ୍ୟ ସଙ୍ଗୋପନ ପୁରେ,

କାନ୍ଦିବାକୁ ଦଣ୍ଡ ପରାଣ ଆଉରେ
ଅବକାଶ ଅଣିବାର,
ଏସନ ଶତେକ ସ୍ମୃତିବଣ ମୋତେ
କରିଯାଉ ଛାରଖାର ।

# ରାତି ଗୋଟିକର ଅତିଥି

ଦେଖିଲେ ତୁମକୁ କବି ପରି ମନେ ହୁଏ,
ଭାବ ବିହ୍ୱଳିତ ଚକ୍ଷୁ, ସ୍କନ୍ଧେ ଝୁଲିଥିଲା,
କଳ୍ପନା-ସ୍ପନ୍ଦିତ-ମନ-ପ୍ରାଣ;
ସ୍ମିତ ଅଧରେ କାବ୍ୟ-କୁସୁମ-କଳିକା,
ଅସଂଯତ ଅନ୍ୟମନସ୍କତା,
ପରିସ୍ଫୁଟ ପ୍ରତି ବାକ୍ୟେ, ପ୍ରତି ଗୃହାଣିରେ;
ତୁମେ ନିଶ୍ଚେ କବି,
ଆସ କବି !
ଆସ ମୋର ଘରେ !!!

ଦ୍ୱିଧା ଯଦି ନାହିଁ, ଉପବିଷ୍ଟ ହୁଅ ଏଠି,
ସଜ୍ଜିତ ମୋ ସୁରତ-ପଲଙ୍କେ;
କସ୍ତୁରୀ ଚମ୍ପକ ଆଦି,
ବକୁଳ ନିର୍ଯ୍ୟାସେ ସିକ୍ତ ଏ ଶୟନମଣ୍ଡଳ,
ଭକ୍ତ, କବି !
ବାଣୀ ପୀଠୁଁ, କଳ୍ପନାର ନିକୁଞ୍ଜ ତୋରଣୁଁ
ଓହ୍ଲାଇ ଆସିଲ ସତେ—
କିବା ଅଭିପ୍ରାୟେ ?
ମୁଁ ଯେ ବାରାଙ୍ଗନା—
କେତ କେତ କେତେ କିଏ,
ପଦଧୂଳି ଦେଇ ଯା'ନ୍ତି ଆସି,
ସବୁରିଙ୍କ ଲାଗି ସଦା ଉନ୍ମୁକ୍ତ ମୋ ଦ୍ୱାର ।
ନଗରର ସ୍ୱେଚ୍ଛାଚାରୀ ଯୁବକ ସକଳ,
ବ୍ୟବସାୟୀ କୋଟିପତି,
ନୀତିଶାସ୍ତ୍ର-କୃତବିଦ୍ୟ-ସମାଜ-ଅଗ୍ରଣୀ;
ଏକମାତ୍ର ସ୍ନେହାଶ୍ରିତ ପୁତ୍ର-ଚୂଡ଼ାମଣି—
ଅଧ୍ୟୟନରତ ଯୁବା ପିତା ମାତାଙ୍କର; ପୁଣି ଅବିବାହିତ,
ସପତ୍ନୀକ ବିପତ୍ନୀକ ଅବା ଦ୍ୱିପତ୍ନୀକ,
ରଣାଙ୍ଗନୁ ପ୍ରତ୍ୟାବର୍ତ୍ତି, ନିର୍ଭୀକ ସୈନିକ,
ମଦ୍ୟପ, ସଙ୍ଗୀତପ୍ରିୟ ହତାଶ ପ୍ରେମିକ,
ଉଚ୍ଚପଦ-କର୍ମଚାରୀ, କୁଲି, ମଜଦୁର,
ରିକ୍ସାବାଲା, ଗାଡ଼ିବାଲା,
ଯେତେ ଅପଦାର୍ଥ କୁଳାଙ୍ଗାର,

ସବୁରୀଙ୍କୁ ମୋର ଆକର୍ଷଣ—
କରୁଛି ପାଗଳ;
ମୋ ଠାରେ ଯେତେକ ଅଛି
ଚର୍ବ୍ୟ, ଚୋଷ୍ୟ, ଲେହ୍ୟ—
କ୍ଷଣିକ ଲଭ ଆଶାରେ ଉନ୍ମତ୍ତ କାଙ୍ଗାଳ ।
ବାରବେଶେ ବାର ପୁରୁଷଙ୍କ ଉପଭୋଗ୍ୟା,
ବାରବିଳାସିନୀ ରୂପଜୀବା,
ସ୍ୱନାମଧନ୍ୟା, ଉଲଗ୍ନା ବିଧ୍ୱସ୍ତ-ଯୌବନା,
ମୁଁ ସେ ବାରାଙ୍ଗନା !!!

ତୁମେ ବାରାଙ୍ଗନା ?
ହଁ ହଁ ତୁମେ ବାରାଙ୍ଗନା, ବୀରାଙ୍ଗନା ମଧ୍ୟ,—
ଭୁବନମୋହିନୀ ହାସ୍ୟ ତବ ରକ୍ତାଧରେ
ଚପଳ ଅପାଙ୍ଗେ ବନ୍ଧି ଲକ୍ଷ ପୁରୁଷର,
ଅବଶ କରିଛ ମଣ୍ଡ ହୃଦ୍ୟା;
ତୁମ ପଦତଳେ ନତ ନର ଶିରସ୍ତ୍ରାଣ;
ନାରୀ ଚରିତର,
ତୁମେ ମଧ୍ୟ ଅଟ ଏକ ବିଶିଷ୍ଟ ପ୍ରକାଶ ।
ତୁମ ଦ୍ୱାରେ ଆଜି ମୁଁ ଯେ ନୂତନ ଅତିଥି,
ସବୁରିଙ୍କ ପରି,
ମୁଁ ମଧ୍ୟ ପାଗଳ ଆଜି ରୂପ ଉପଭୋଗେ,
ପାର୍ଥିବ୍ୟ ଏକକ,
ମୁଁ ନୁହେଁ ଗ୍ରାହକ ସେମାନଙ୍କ ପରି

କ୍ଷଣକ ସକାଶେ,
ନେବ ନାହିଁ ତୁମଠାରୁ କିଛି,
ଦେଇ ମୂଲ୍ୟ ଭାର;
ମୁଁ ଅଟେ ଅତିଥି ।
କ୍ଷଣକ ଭିତରେ ବାନ୍ଧି ଜଗତ ବନ୍ଧନ
ପରକ୍ଷଣେ ସବୁ ଛିଣ୍ଡି ଭୁଲି ଯିବା ପାଇଁ;
ପ୍ରତିଦିନ ଆସିବାକୁ ଏଥି,
ଚରଣ ମୋ ଚହେ ନାହିଁ କଭୁ—
ନିରୁପାୟ !

+ +
+ + +
+ +

ସୁଖ !
ତାହା କଣ ତୁମ ଓଷ୍ଠ ଠାରୁ ଅଧିକ ମଧୁର ? ଅଧିକ ଉଷ୍ମ
ହୁଏ ନାହିଁ ମନେ;
ଜାଣେ ନାହିଁ......
ଯାହା ମୁଁ ଦେଖୁଛି,
ଅତିଥି ସତ୍କାର ପାଇଁ ତୁମେ ବଡ଼ ଉଦ୍‌ଗ୍ରୀବ ଚଞ୍ଚଳ,
ଅନାଥର ଅଭିବେଶୀ ସେବା ପରାୟଣା !!!

+ + +

ଓଃ କି ଆଶ୍ଚର୍ଯ୍ୟ !
ଏତେ କ୍ଷମା ଦେଇପାର ତୁମେ !!!

ଧାରଣା ମୋ ଥିଲା—
ସହରର ସଭାଙ୍ଗିନୀ ସୌଦାଗର ପୁତ୍ର ଗୋଠା ବେଢେ,
ଚଳଚ୍ଚିତ୍ର ଦେଖି—
ଶିଖିଛନ୍ତି ଭିନ୍ନ ଭିନ୍ନ ଚୁମ୍ବ ପ୍ରକରଣ,
କିନ୍ତୁ.....ବହୁତ ହେଲାଣି—
ଏବେ ତେଣୁ ଘଟେଣି ଅଧେ କବିତା-ପ୍ରବେଶ ।

ବେଶ୍ୟାଙ୍କୁ ଆଉଙ୍ଗି,
କବିତା ଗାଇବେ କବି ?
ତୁମେ ମଧ୍ୟ ଉଦଗ୍ର ମସ୍ତିଷ୍କା, ଧନାଢ୍ୟା ପାଗଳୀ ।

କବି !
ମୁ କିନ୍ତୁ ଶୁଣିଛି—
ତୁମେ ଆଉ କାବ୍ୟ ଲେଖ ସ୍ୱଜନନ୍ୟା ନାମେ...
ସମାଜର ପଦଦଳିତା ଆମ ପରି ପତିତାର ରୂପାୟନେ,
କଳୁଷିତ ଲେଖନୀ କବିର ?
ସ୍ଥାନ କଣ ନାହିଁ,
ସେମାନଙ୍କ ପାଇଁ—
କାବ୍ୟମୟ କବି ହୃଦୟରେ ?
ଶୁଣିଥିବ ଯଦି
ଭୁଲିଛି ଶୁଣିଛ...
କବି ହୃଦୟରେ—
ସବୁରିଙ୍କ ସ୍ଥାନ ସଖି, ସମାନ ସମାନ;
ଥାଇପାରେ ମୁଦ୍ରା ଦୋଷ କାହାର କାହାର

ପାଗଳ ପଣରେ—
ମୁଁ ବି କିଛି କମ ନୁହେଁ ।
ଜାନୁ ପରେ ଲତାୟିତ କରି, ତୁମର ଏ ନଗ୍ନ ତନୁଲତା—
ଉଷ୍ଣାଧର କରୁଛି ଚୁମ୍ବନ, ଆଜି ଏତେବେଳେ,
କାଲି କିନ୍ତୁ ସବୁ ଭୁଲିଯିବି
କେବେ ଏନେ ପୁଣ ପୌଷ ସନ୍ଧ୍ୟାକାଳେ
ତୁମ କଥା ପଡ଼ିବ ସ୍ମରଣ;
ଗୁନ୍ଥିଁ ଥିବି ସ୍ୱର୍ଣ୍ଣାସ୍ତ୍ର ପୁଲକେ, ଦଗ୍ଧିବ ଆଖିରେ,
ଆଜିର ଏ ଆନନ୍ଦଟି ତୁମ
ନିଜେ ପୁଣି ନପାରିବି ଚିହ୍ନି ...

କାରଣ,—
ସେତେବେଳେ ମାଟିଆ ଦିଶୁଥିବ,
ତୁମର ଏ ଉଷ୍ଣାଧର, ନିଭୁଥିବା ସ୍ୱର୍ଣ୍ଣ କିରଣରେ
ଉଡ଼ୁଥିବେ କଳଙ୍କ ଜୀବାଣୁ,
ସଞ୍ଚରିତ ଅପଭ୍ରଂଶ ବ୍ୟାଧି,
ତୁମ ରକ୍ତେ ରକ୍ତେ......
ଅଦ୍ଭୁତ ସେ ଛବି !

ହୁଏତ ଆଜିର ଏହି—
ରହସ୍ୟ ସଞ୍ଚାରୁ ତୁମ ଜନନ-ଇନ୍ଦ୍ରିୟ,
ଯାଇଥିବ ଫାଟି, ଘୃଣ୍ୟ ଫାଳ ବିଜଫଳା ହୋଇ ।
ରକ୍ତ ମିଶା ଗନ୍ଧ ପୂଜ
ଝରୁଥିବ ମୂଷ ସେଥି ତହିଁ ,

ଛଳ ଛଳ କରି ଆପଣାକୁ ନଷ୍ଟ ଭ୍ରଷ୍ଟ କରି
ସମରପି ଦେଇ, ହିଂସ୍ର ମାନବକୁ
କୋମଳ ମାଂସର ସ୍ୱାଦ ଚଖାଇ ଚଖାଇ
ଉନ୍ମାଦ କରି, ଉନ୍ମତ୍ତ କରି,
ହସି ହସି, ହସାଇ ହସାଇ,
ନାଚି ନାଚି ନଚାଇ ନଚାଇ
ଶେଷେ ଏହି ପରି, ବଜାରୁର ଟୀକା,
ଘେନିବ ସଜ୍ଜା—
ଘୃଣା କର, ଘୃଣା କର,...
ମୋ ପରି ନିର୍ଲଜ୍ଜ ଜୀବ,
ମୋ ପରି କୁତ୍ସିତ ଆନ ନାହିଁ ଜଗତେ,—
ଗାଇବାକୁ ଏତାଦୃଶ ପ୍ରଶସ୍ତି ତୁମର ।
ତଥାପି ମୁଁ ଅତିଥି ତୁମରି,
ବନାନ୍ତରେ ଯେତେ ଅଛି ଖୋରାକ ମୋ ପାଇଁ
ସବୁ ନେଇ ଛଡ଼ିବି ମୁଁ ତେବେ,—
ଏ କଣ ?
ଶୁଖିଗଲା ସହର୍ଷ ବଦନ—
କଣ ହେଲ ମନେ ?
କହ ସତ
ହେଉ ପଛେ ଯାବତୀୟ କୁତ୍ସିତ, ବୀଭତ୍ସ,
ଅସ୍ପୃଶ୍ୟ, ଅସମ୍ପୃକ୍ତ, ଅନାଦୃତ ତୁଚ୍ଛ,
ନାହିଁ ଶକ୍ତି ରୋଧିବାକୁ କଲ୍ପନା-ପ୍ରବାହ
ଅତି ଅସହାୟ......

ତାପରେ, ତାପରେ—?
କାଳ ସ୍ରୋତେ ଭାସିଗଲା କବି !
ଆହରଣ କରିବାକୁ ଦିଅ,
ପ୍ରାପ୍ୟ ମୋର,
ଜନକଆ ଗ୍ରାହକଟି ?

ତା ପରେ ?
ତା ପରେ ହୁଏତ, ଦୃଶ୍ୟ ହେବ, ମୋର କଙ୍କାଳରେ,
ଢଳ ଢଳ ଡୋଳା ଫଟେଲ, ଢଳ ଆଖି ପତା
ଘେରିଥିବେ ଉପଦଂଶ କୀଟ,
ସେମାନଙ୍କ ଦଂଶନରେ, ଖାଇ ଖାଇ, ଛିଣ୍ଡି ଛିଣ୍ଡି
ଖସି ଆସିଥିବ ଆଉରି ତଳକୁ
ଜୀବାଣୁ ଗୁଡ଼ିକ ପୁଣି
ଝୁଣି ଝୁଣି ଖାଉଥିବେ ଡୋଳାକୁ ମଝିରୁ
ଆଖିପତା ଝଡ଼ୁଥିବ ନାଲି
ମାଂସ କାହିଁ ରକ୍ତ ?
ନିଶ୍ୱାସ ନେବାକୁ କଷ୍ଟ ବୋଧ କରୁ, ଆଉ
ପୂତିଗନ୍ଧ-ଶ୍ଳେଷ୍ମସାର-ତରଳ-ନିର୍ଗମ
ଅହରହ ରୋଧିବାକୁ ବ୍ୟର୍ଥ ଚେଷ୍ଟା କରୁ
ନାକ ଦାଣ୍ଡି ଫୁଲିଯାଇ ଏଡ଼େ ହୋଇଥିବ ।
ବଢ଼ୁଥିବେ ମାଛି ଭଣ ଭଣ,
ଶ୍ୱେତାଭ ଅଧରେ,
ଆକାର ଅଲକ୍ତ-ବରଣ

ନୂପୁର ସିଞ୍ଜିତ ପଦଦ୍ୱୟ
ଚଳନ ଶକ୍ତି ରହିତ ହୋଇ ପଡ଼ିଥିବେ ।
ଜାନୁ ପୁଣି ବଳା ଗଣ୍ଠି ଯାଇଥିବ ଫୁଲି
ଝଳମ୍ବିତ ହୋଇଥିବ ଦଦ୍ରୁ ସମ କୁଷ୍ଠ ଚର୍ମ ରୋଗେ—

ଏ କଣ ? ଲଜ୍ଜା ?
"ଲଜ୍ଜା କାହିଁ କବି.....? ସେ ଯେ ବ୍ୟବସାୟେ ଅତି ପ୍ରତିକୂଳ ।"
—ଏତେବେ ଡାକିଦେଲ ବଯୋଜ ଧୂଳିଟି
ମୋ ହାତରୁ କଣ୍ଠା ବାଜିଲା କି ?
ତୁମର ଏ ଅର୍ଦ୍ଧନଗ୍ନ କୁଚଯୁଗ ଦେଖି
କଥା ଏ ପଡ଼ୁଛି ମନେ—
ସେଦିନ ସଞ୍ଜରେ, ଆଉ ଜଣେ କବି ବନ୍ଧୁ ମୋର,
ଏକ ପାଗଳ ମୋ ପରି
ବନ୍ୟାଞ୍ଚଳ ପରିଦର୍ଶନରେ
ଲେଖିଥିଲେ କବିତା ଖଣ୍ଡିଏ...
କର୍ଦ୍ଦମାକ୍ତ ଓଦ୍ର ମାଟି ପରେ, ନଦୀ ତଟେ
ଯୌବନର ରକ୍ତ-କୁମ୍ଭ-ତୁଙ୍ଗ-ସ୍ତନ ଯୁଗ
ଅନାବୃତ ଉଜ୍ଜ୍ୱଳ, ନାହିଁ ଅଙ୍ଗବାସ,
ଅନେକାକୃତ ଅଙ୍ଗ ଯାଇ ଅଛି ଫୁଲି
ଏହିପରି ଶୋଇଅଛି କବିଙ୍କର କଳ୍ପ-ପ୍ରେୟସୀ—
ସବୁତ ସ୍ଥାନରେ ମୃତ ଯୁବତୀର ଶବ ।
ମୃତଶିଶୁ ବକ୍ଷେ ଧରି ପଡ଼ିଅଛି ଯାକ,
ସ୍ତନ ବୃନ୍ତି କାମୁଡ଼ି ପଡ଼ିଛି ମୃତ ମୁହଁ ତାର—
ସବୁନାହିଁ ଯେତେବେଳେ ମାତୃ ସ୍ନେହ... ।

ସ୍ନାନ ଧୁଇ ହେଲେ ଉପସ୍ଥିତ,
ଜଣେ ନେଲା ଶିଶୁଟିକୁ ଟାଣି,
ଆରେକ ଆରମ୍ଭ କଲା—ନବଟିର ବାମକ୍ରନ ଦାନ୍ତରେ ଛିଣ୍ଡାଇ
ସ୍ମୃତିମନ୍ତ୍ର ମାଂସଳ ହେଜ୍ଞାନ ।

ତା' ପରେ... ତା' ପରେ ?
ତା' ପରେ—ନ୍ତର ହେଲଣି ଯାହା,
ନେବି ମୁଁ ବିଦାୟ ସଖୀ,
ତୁମେ ମଧ୍ୟ ହେଲଣି କ୍ଲାନ୍ତ
ଧୀରେ ଧୀରେ ନିଭିଯାଉଛି ଅଛି, ଆସ ଅନ୍ଧକାର—
ଆଲୋକର ଶାନ୍ତ ବେଦନା ।
ସତେ ଅବା ମୋର କ୍ଷୀଣ-ଭଗ୍ନ ନସ୍ୟନର ଦୃଷ୍ଟି,
ଲେଖା ଯାଏ ଛାଇ ମୂକ ପଦ୍ମ ପ୍ରତି ରେଖାଏ ତୁମ,
କିନ୍ତୁ ସଖୀ ମନେ ରଖ ଆଜି—
ଗୋଟିଏ ଜନ୍ମର ମାନ ଅଟେଥି ମୁଁ ଏଠି,
ପଶୁଙ୍କ ମଝାରେ, ତୁମ ସହ ପରିଚୟ, ଆଳାପ ସଳାପ,
ସେଥିରୁ ମୋର କାବ୍ୟ ସୃଷ୍ଟି, ମହନ ଲଗନା,
ତୁମ ରୂପ ଆନନ୍ଦ ବିଭବ—
ଦେଖି, ଭଗି, ଭୁଲାଇବି ବଣ୍ଟ,
ତୁମ ଧୂସ୍ର, ଦେହଗ ବିଛୁମ୍ଭିତ, ଚରମ ଦୁର୍ଗନ୍ଧ କାଳେ
ନୋହିବ ମଉନ,
ଲେଖନୀ ମୋ କାବ୍ୟ ଗୀତରେ ଭଦାଇ ମୋ ପ୍ରାଣ

\+ \+ \+

କବି ! କବି !! କବି !!!

କା ଶେଷୀହୃଦୟ ଉଠେ,

ତୁମେ ଆସି ଦେଇ ଅଛ ଧରା—ମୋର ବାହୁ ବନ୍ଧେ,

ଆସ ଆସ [illegible] ଉଦ୍ଧେ [illegible] ଧର

[illegible] ତୁମଙ୍କୁ ;

ତୁମ [illegible] ଆସନ୍ନ ବରଷ-ଅନ୍ତ,

[illegible], ଗୀଅ [illegible], ତୋଳି ଧରି ଏହି କଣ୍ଠ ମୋର ।

ଏହି ଦେଖ ନଗ୍ନ ଦେହ, ନଗ୍ନ ନାଭି, ଜାନୁ, କଟି, ସ୍ତୁତିଳ ନିତମ୍ବ—

ତୁମ [illegible] କ୍ଷୁଧା, [illegible] ଲଜ୍ଜା ବୋଧ ?

କିନ୍ତୁ କବି !

ତୁମେ [illegible] ଏ ସବୁ ଦେଖ, [illegible] ହାନ, [illegible] ତୁଚ୍ଛ ପ୍ରିୟ !

ପୁଷ୍ପିତ [illegible] ପାଦେ,

[illegible] ମୃତ୍ୟୁ [illegible],

[illegible] ଏହା—

ତୁମର ଆସନ [illegible] ଏ ସବୁ ଗଢ଼ୁଣେ—

ଦେଶେ ଦେଶେ ଫେରେ [illegible], ଫେରେ [illegible] ବାର ବଜଶିଙ୍ଗା

ଅନ୍ତରେ ମୋ [illegible] ଅଛି [illegible] ଏକ—

[illegible] ଆସନ ।

ତୁମେ [illegible] ?

[illegible]— [illegible] ଅଛ [illegible] ?

ତୁମେ ପାଦେଥ [illegible]—

[illegible] ପାଦେଥୁ

ଯାଅ କବି

ଦେଉନ ନମସ୍କାର ।

# ପରକୀୟା

ଦୁଇଦିନ ହେଲା,

ଫେରିଥିଲା ଶାଶୁ ଘରୁ ବନି ମାସ ପରେ

ମୋ ସଙ୍ଗେ କରିନି ଭେଟ, ଅସି ବାପଘରେ,

ପରଟେ ନଥିଲି ଯାଇ ସେଦିନ ନବଣୀ,

ଅଠାଆରୀ ବୟସର ଝିଅ—

ବିଦ୍ଧ ହୋଇ ବାଳିଲା ପିବଟି।

ବହୁଦିନ ଧରି,

ପଲ୍ଲୀ କୋଳେ ଆମେ ଦୁଇ ଶୈଶବର ସାଥୀ

ଧୂଳି ଖେଳେ ବିତାଇଲୁ କେତେ ଦିନ ରାତି,

ତା ଭିତରେ କେତେ ଝଗଡ଼ା, ଝର୍ଣ୍ଣା, ଗୁଳିଯାଏ,

ବାଲ୍ୟ ଯାଇ ଆସେ ଯୌବନ

ସେ ଆଉକୁ ଅଧିକା ନଥାଏ।

ଭୁଲିଲି ମୁଁ ଯବେ—

ଶାଳ ତାଳେ ଗୃଧ୍ର ଶ୍ବସେ, ଫଲ୍ଗୁପରେ ଶ୍ବସେ
ଯୌବନ ଲାବଣ୍ୟ-ଶିଖ ଗନ୍ଧମଳ ରସେ
ଲଜ୍ଜାଭରା-ହସେ ନବା, ଆସେ ଯେବେ ଘାଟେ—
ଗୋପନେ ସଙ୍ଗୀଙ୍କ ମନ୍ତ୍ର କଲ୍ଲୁ
ଦେହ ମୁଣ୍ଡ ଘଣ୍ଟରେ ଢାଙ୍କେ ।

ନିକାଶି କାହିଁକି ?

ଏଣିକି ସେ ଜନାକେବେ ନିର୍ଜନେ ଏକା
ଚନ୍ଦ୍ରଙ୍ଗୀ ଅପଘନେ ଦେଉଥିଲି ଦେଖା
ଜଳି ଡୋଳା ନବଘନେ ବିନ୍ଦୁ ଜାର ଜାର
ମୋ ହୃଦରେ ସୁଖ ମାଝ ନବା
ମନ କଥା କହେ ଝର ଝର ।

ନିର୍ଦ୍ଦେୟା ଆଗୁଁ—

ମୋ ପାଖରେ ଲାଗେ ସିଏ କାହିଁ ମୁଁ ମନେ
ଜାଣେ ନା ଏ କଥା କହି ହୃଏ କି କାରଣେ
କି ମୁଁ ଲାଗେ କି ମାଣ୍ଟ୍ରେ ବ୍ୟଥା ବ୍ୟବଚ୍ଛେଦ
ଯେ ପାଉଛି ସଗ ସୂର୍ଯ୍ୟ ଚନ୍ଦ୍ର
ସେଥି ଏକା କହ୍ନପାରେ ଭେଦ ।

ଏବେ ଅଛି ଆଉ—

ପାଉଛୁ ସେ ଗଲ୍ଲ ସେବେ ପର ଘର କରି
ଯୌବନେ ନେଲ୍ଲ କି ମୋର ହୃଦ କାଢ଼ି ଭରି

ଗାଆର ମାଣ ପବନ ଝଲାଝଲ ସମ,
ଘାଟରେ ମୋତେ ଆହ୍ୱାନ କଦାଚରେ
ତା' ମୂରଛ ଧୂଳି ଧୂସ

ଆଜି ସେ ନବଶୀ—
ଖୋଜିଲି ପଲ୍ଲୀରୁ ତାର ଆନ ଦେହ ଶିବୀ
ତାଙ୍କୁ ମାଟିଆ ଚୋଲି ଆସେ ଥିବ
ବାଉଁଶ ଡୋଖରୀ ଫେଣୀ ଫୁଲ,
ମୋ ନୟନେ ତା' ଗୃହାଣୀ ସାଜ
ତା ପରଶେ ମୁଁ ବେଦନା ଭୁଲ

ଦେଖିଲି ତାହାର—
ସଜଳ ନୟନ ମୁହେଁ କରୁଣ ପରଶ
ଶୂନ୍ୟ ରଶ୍ମି ହଠେ ଉଠେଲ ନବ-ବନ୍ଧୁ ଧାର,
ପୋଲାଗଲ ଚଳରେ ତା' ସବୁଜ-ଲହରୀ
ଅଛି ରୂପା ଅଙ୍ଗ ଅଭାବ
ଅନ୍ଧି ଯେ ମୋଡିକ ଆଖି ଭରି

ଡାକିଲି ତାହାରେ—
“ଏମିତ କି ଭୁଲିଗଲୁ—ନବଶୀ, ଆମକୁ ?”
ନଗଲୁ ଘରକୁ ହିଁ ତେବେ ଚାଲ ବାସକୁ ?
ସ୍ୱାମୀ ଘର ଛାଡ଼ି ଦେଲେ ମୋ ଠେଇଁରୁ ପୋଷ,
ଏକ ତୋର ଦୋଷ ନାହିଁ—
ପଡ଼େଣ ନାହିଁ ଆଉ ଭୂପ ଦେ

ଅଧିଲ୍ଲ ନଈ ତୀରେ—

“ନବଦ୍ଧବ କାହିଁ ? ତୁମେ ଗାଇଲ ସଦ୍ଧଳ
ମୋ ପାଇଁ କି, ଭୁଲିଥିବ ସବେ ଅନ୍ନ ଜଳ ?
କଥାରେ କହନ୍ତି ପଦ୍ମ ନନା ପାଇଁ ନାଗା—
ଜାଣୁ ଥାଉ ପଦ୍ମେ, ନନାଙ୍କର
ଆଖିରେ ନଥାଏ ଟୋପେ ପାଣି ।”

ମୁହଁ ଦେଇ ଅଧିଲ୍ଲ—

—“ତୁମେ କାହୁଁ ବୁଝିବ ମୋ ଦୁଃଖ ଦୁର୍ଦ୍ଦିନ
ମୋ ପରି ଧନିମାନର କପାଳ ଲିଖନ ?
ଥିଲେ ଦୋଷ କି ନଥାନ୍ତା ଥଳ କୂଳ
ବାନ୍ଧି ଲକ୍ଷ ହୁଏ ମୋର
ଅଶ୍ରୁ ଧାର ବହେ ଗଳ ଗଳ ।

କ ଦେଖି ନଈର—

ପିଲ୍ଲପଣ ମାଳ ଖାଲି ଖଜଣା ଶୀତାସୁରୀ
ଗଗନ ପଥେ ଉଡ଼ିଲେ ଢଳା ପୁଷ୍ଟ ଧରି
ଶୁଣୁଥାଏ ଅନ୍ତର୍ଦ୍ଧ ରତ୍ନୀର ଝୁଲବେ
ଢଳା ଲକ୍ଷା କରେ ନିବେଦନ
ଉଦନାଥେ, ଅଶାନ୍ତ ପଲକେ ।

ପଦୋଷାଳେ ଘାର—

ଧାଇଁଷ୍ଟାପ ଭକ୍ତଲଭି ଛୁଟେ ବାରବାର
ଗୋଧୂଳିର ଧସ୍ପଲେ ନଶୀଥ-ଅନ୍ଧାର

ଘୁଞ୍ଚାଇଦେ ତା' ପୁଞ୍ଜିଭୂତ ବେଦନା-କାଳିମା,
ବରଷଣି ଅଶ୍ରୁ-ମାଳିକାର
ଜାଣିଁ ଅବା ବ୍ୟଥା ପରଶିମା ?

ପଡ଼ିଲି ଚମକି—
ଅଜାଣତେ ଏଥିମଧ୍ୟେ ନେଇଥିଲି ସାଥେ
ନବଣୀର କର୍ଣ୍ଣମୂଳେ କେତେ ଅଜସ୍ରାତେ,
ନେଇଥିଲି ବଚନ, ପ୍ରୀତି କଥା ନାନା
ମନେ ନାହିଁ ତାହା, ଯାଏ ଚମକି
ଅପମାନ ଯେନ ପରଜାଣିଲୁ।

ସେ ମଧ୍ୟ ମୋ ପରି—
ଭାଙ୍ଗିଲା ଶିହରି ଉଠି କୋମଳ ସପନ,
ରଞ୍ଜିଲା ପୁଲକେ ସ୍ମିତେ ସୀମନ୍ତ-ଲଗନ
ଅଶ୍ରୁଳ ନୟନା ଜଡ଼ କରିଣ କଣ୍ଠେ କଥା',
କାନ୍ଦିଲି— "ଏଲିଛି ପାରିବ ଯାଇ—
ତା' ଧରିଣ ପାର୍ଶ୍ୱ ଆଜି
ଜାଣିଁକି ଚେତା ତୁମ୍ଭ ମୁଖ ବ୍ୟଥା

ବସିଲି ନବଣୀ—
ସମସ୍ତ ଜଳସି ରଙ୍ଗି ଉଛି ଦୁଷ୍ଟା ପରେ
ଉପଦେଶୁଁ ତା' ପାଟୁରେ ମୋର କ୍ରୋଡ଼ ପରେ
କୀର୍ତ୍ତିପାରେ ଡାଳମେଲି ଉଷିମାନ୍ତ ତାର
ଅସ୍ତ୍ରିତ ହସୁଥା ଉଦ୍ଦେଶୀ
ହୃଦୟ ମୋ ଭଲା ହାହାକାର

କଅଣ କହିବ—

କହିବ ଆଜି ଯେତେକ କଥା ଅଛି କହିବାକୁ
ଦେଖାଇଯା କଷଣ ଯେତେ ଅଛି ସହିବାକୁ,
ଜାଣେ ମୁଁ ଆସିଛ ଏଥି ପୋଡ଼ିବାକୁ ମନ
କାଳକୂଟରେ ଲଗାଇବ ଅଗ୍ନି ହୁତାଶନ,
ମୋର ନାହିଁ ଆଶା ପୁଣି, କଣ ହୁଇବାଣ ?
ଏଡ଼େ କି ନିଷ୍ଠୁର ତୁମେ
କେଉଁ ମନ ଅକାଠ-ପାଷାଣ ।

ମାଗିଲାଗି ଝର—

ଛାଡ଼ିଦେଲା ନବଶୀ କହିଲ ଗୁଣ୍ଡି ମୋର ମୁଖେ,
ଛାଡ଼ି ଛାଡ଼ି ମରେଁ ଛନ୍ଦୁ ବା କାତର ଦୁଃଖେ,
ସାନ୍ତ୍ୱନାର ନାହିଁ ଲେଶ ନାହିଁ ପ୍ରବୋଧନା,
ଏବେ ଗାଲ ବିରହିଣୀ ପ୍ରିୟା
ମରମର କର୍ମମ ଯାତନା ।

ଓଁକାର ଓଁକାର ଭରି—

ଯାଉଥିଲି ଯନ୍ତ୍ରଣା ଧାର ଭୁଞ୍ଜିଲି ସଣିଷ
ଅନ୍ଧକାର ପ୍ରସ୍ତୁଣ କରି ସୁଦ୍ଧ ଯଥ,
ଆସ ପୁଣି ଲଭୁଥାଥୀ ମୃତ୍ତି ଦେଖାଉ
କୁଞ୍ଜିଦ୍ୟାର ଦେଖା କଟୋରି
କରୁଥିଲି ଲଜ ମନ୍ଦହାସେ ।

ସୁଧର ଦେଶମାନେ—

ଭାବିଥିଲେ ଆମର ଏ ଅଶ୍ରୁ ଅବନୟ
କେଭଳ ଲେଖନ ଗୋଚରେ ମୁହିଁ ବାହୁନୟ ।

ଅତୀତର ଗୋପନଟା ଗୋପନରେ ଥାଉ
ଦୁ' ପ୍ରାଣର ଦୁଇ କଥା ଆଜି
ନିର୍ଜନ ମଣ୍ଡଳେ କହିଯାଉ ।

ସୁସ୍ମରଣୀ କହେ—

ଖେଳୁଥିଲା ପବନ; ସୂକ୍ଷ୍ମ ମୃଦୁଳ ତରଙ୍ଗ
ମୋ ମନେ ଅମର ସ୍ମୃତି ତୋଳି ବିଚିତ୍ର
ନାଚୁଥିଲା ପ୍ରଣୟର କରୁଣ ସ୍ପନ୍ଦନ
ଆକାଶରେ ଏଷ୍ଟିଙ୍ଗ ମୋଠେ
ଅନ୍ତରାଳୁ କର ଆଲୋଡ଼ନ ।

ମନେ ନାହିଁ ଆଜି—

କେତେ ଦିନ ପରେ ସିଏ ଗଲା ପରଘର,
ମନେ ଅଛି, ପ୍ରଥମେ ମୋର ସେ ମୁଗ୍ଧ ଅନ୍ତର,
ଆସିଥିଲା ପାଖେ ନବୀ ବଧୂର ଲଗନେ
ଯେବେ ମୋର ଶେଷ ଚୁମ୍ବନଟି
ଛୁଇଁବାକୁ ପରଶ ଚୁମ୍ବନେ ।

ପଚାରିଲି ତାକୁ—

“ଆଜ୍ଞା ନବୀ ବଧୂଟିକି ସେ ଦିନର କଥା
ଓଢ଼ଣା ଘୁଷାଇ ଯେବେ ତୋଳିଲେ ତୋ ମଥା
ତୋର ସେହି ନୂଆ ବନ୍ଧୁ, କିବା ହୁବ ମନେ
ଖେଳିଗଲା ନୂତନ ଆଦରେ ପ୍ରିୟ କହେ—?”
—“ଓଃ ! ସେ କଥା ? ସେ କଥାତ ନାହିଁ ଆଜି ମନେ
କି ଜାଣ ତଳିଁରେ ଅଛି ଜଳା
ଲଖିଥାନ୍ତି ମନେ ଅନ୍ଧାରରେ ।”

ପୁଣି ସେ କହିଲା—

"ଯାଉ ଥାଅ ଚିରଦିନ ତୁମେ ଯଦି ସୁଖ
ତୁମର ଏ ନବାଟିକୁ ନହୋଇ ବିମୁଖ
ସେ ଦିନ ବୁଝିବ କିବା ଥିଲା ମୋର ମନେ
ଖେଳୁଥିଲା ବାସରର ଶେଷ ଘଡ଼ି କଣେ
ଆଦରର ମୋହର ପର ଯେଦିନ, ସୁଭଗୀ
ଆସିବ ଚରଣେ ତୁମ ଭୋଗ ହେବା ଲାଗି
ଯେଦିନ ଗୋ ହେବ ତାର ଶିଥିଳ ଓଢ଼ଣା,
ଯେ ଦିନ ସେ ଖୋଲିବ ନୟନ
କରିବାକୁ ନୂଆ ପଥଚଣା।

ଶୁଣା ଗଲା ପୁଣି—

ତଥାପି ଏ ଅନ୍ତସ୍ଥଳେ ତାର କଣ୍ଠ ଧ୍ୱନି,
ଶୁଭୁଥିଲା ରହି ରହି ମରମ ସ୍ପର୍ଶିଣୀ,
"—ହୁଏତ ମୁଁ ଆସି ପାରେ କେତେ ମାସ ପରେ
ଏ ମର୍ତ୍ତ୍ୟେ, ଏ ଜଗତେ, ଅବା ଜନ୍ମ ଜନ୍ମାନ୍ତରେ
ଶୁଣିବାକୁ ତୁମ ମୁହଁ ତୁମ ପ୍ରଶ୍ନୋତ୍ତର
ପ୍ରଣୟୀ ଓ ପ୍ରଣୟିନୀ ମଧ୍ୟେ ପରସ୍ପର
ସେଦିନ ଜାଣିବ କଷ୍ଟେ, ଦୁଇ ନର ନାରୀ
ଯେ କାହାକେ କେତେ ଆପଣାର
କରିପାରେ ପୁରୁଷ ନା ନାରୀ।

# ରାଇ ବିନୋଦିନୀ

ଚାଲିଛେ ଠମକି ଥମକି
ଧୀରେ ଚଳେ ରାଇ ବିନୋଦିନୀ,
ଲୁଚି ନେଇ କି କେ' ମଞ୍ଜୀର କୁସୁମ
ନିଙ୍କେଳା ଗୁଞ୍ଜାରିଣୀ—
ଥମକି ଧୀରେ ଚଳେ ରାଇ ବିନୋଦିନୀ ।
କେବେ ଦୂରେ କେବେ ନିକଟେ ଆସୁଛି
ଶ୍ୟାମର ମୁରଲୀ ଧ୍ୱନି
ବିସ୍ମୃତିରେ ଚପଳ ଗମନ
ଭାସୁଛି କି ଅଭିମାନ ।
ନିର୍ମମ ଲିଖା ମମ ବେଦନାରେ
ଝୁଆଁଇଛି ମଥା, ସଙ୍କେ ପଥ ଧରେ
ବୃନ୍ଦାବନର ଲକ୍ଷ ବଳଭ ପୁରବଧୂ-ମୁଗ୍ଧାଷିନୀ,
ଥମକି ଧୀରେ ଚଳେ ରାଇ ବିନୋଦିନୀ ।

କଳସୀ ବାହୁଡ଼ି ନଈ ତଣ୍ଡା ପଥ
ନାହିଁ କି ହେବ ଗୋ ଶେଷ,
ମୂର୍ଚ୍ଛ ମୁଗ୍‌ଧା ହରଣୀ ପରାଏ
ଧାଇଁ ଥିବ ଦେଶ ଦେଶ ।
ଚେଉଁ ବିତାନକୁ ସପନ ସଜ୍ଜିତ
ସଙ୍ଗୀତ ଗୁଞ୍ଜର ସ୍ୱର,
ଶ୍ରାନ୍ତ ନଟୀର ପଦପାତ ସମ
ନୂପୁର ଉଠଇ ଥରି ।
ଆଗକୁ ଚାହିଁଲେ ବେଣୁ ପଛେ ବାଜେ
ଫେରିଲେ ପଛକୁ, ଝଙ୍କାର ବାଜେ
ଥରେ ବାମେ ଥରେ ଦକ୍ଷିଣେ ଚଳି,
ଲଜ୍ଜିତା ବିବାସିନୀ—
ଥମକି ଧୀରେ ଚଳେ ଯାଇ ବନୋଦରୀ ।
ଝୁଲେଇ ଆଶାର ପ୍ରଦୀପ ତାହାର
ନାଚି ଉଠେ ଥର ଥର
ଝୁଲିତ ସ୍ୱପ୍ନର ସବୁଜ କେଦାରେ
କ୍ରନ୍ଦନ ଜର ଜର ।
ଆଜି ମୁହେରେ ମନନ ବେଦନା
କାରବେ କହେ କି କଥା,
ଧମନୀର ତେଜ ଉଦମ ଫଳିଲେ
ସମ୍ପଦରେ ନୋଇଁ ମଥା ।
ତୋଳି ଧରେ ମୋର ଅଞ୍ଜଳି-କୁସୁମକୁ
ସକଳ ହରଷ ବେଦନା କୁସୁମକୁ

ପୂତ-ରସମୟୀ ମଞ୍ଜୁଳା ରାଧା—
ସଂଯତା ବିଳାସିନୀ—
ଥମକି ଧୀରେ ଚଳେ ରାଇ ବିନୋଦିନୀ
ତା' ପଥରେ ନାହିଁ ଜୟ ପରାଜୟ,
ଜୀବନଟା ଏକ ଲୟ,
ପ୍ରିୟ ମିଳନର ଲାଜ ଅଭିମାନ
ନାହିଁ ଅପବାଦ ଭୟ ।
ଭିକାରିଣୀ ସେ ଯେ ବରଜର ଦ୍ୱାରେ ଦ୍ୱାରେ
ନିତ୍ୟର ପ୍ରିୟର ପଦ ରେଣୁ ଲଭିବାରେ
ଅରପଣ ଲାଗି ନାହିଁ ଆଉ ଧନ,
ରୂପ, ରସ, ଗନ୍ଧ, ପ୍ରାଣ, ଯଉବନ,
ପ୍ରେମର ଅଶ୍ରୁ ଆରତି ସାଜିଛି
ଗୋକୁଳର ତପସ୍ୱିନୀ—
ଥମକି ଧୀରେ ଚଳେ ରାଇ ବିନୋଦିନୀ
ପ୍ରାଣର ଗୋକୁଳେ କୃଷ୍ଣ ବିତାନେ
ଆକୁଳ ବଂଶୀ ବାଜେ,
ପଳ ପଳ କରି ଏବେ ବି ମରଣ
ବିରହ ଦରଦେ ଲୁଚେ ।
ଗୋପ ବାଳିକାର ନୟନ ଭୂଷଣ
ସୁଦୂର ମଥୁରାପୁରେ,
ନିକଟେ ରାଗିଣୀ ଶୁଣିଲେ ତଥାପି
ମନେ ସେ ବନ୍ଧୁତ ଦୂରେ ।

ବ୍ରଜୁଁ ମଥୁରା କି ଅଛୁଟି ଯୋଜନ,
ସତ୍ୱଏ ଦୁଇଟି ପ୍ରାଣେ ବ୍ୟବଧାନ
ଛଳ ଛଳ କାନ୍ଦେ ଯମୁନା ଲହରୀ
ରାଧା ଚିର ବିରହିଣୀ—
ଥମକି ଧୀରେ ଚଳେ ରାଇ ବିନୋଦିନୀ ।

# ଯଦି ଏତେ ଗୋ ସରମ ଲାଗେ

ଯଦି ଏତେ ଗୋ ସରମ ଲାଗେ
ତୁମ ଗୁନ୍ଥିବନା ଗୁନ୍ଥିବନା,

ଏ ମୋ ନୀରବ ନନ୍ଦନ ଭରି
ତୁମ ରୂପର ମାଧୁରୀ ଧରି
କଳପନା କରି ବାନ୍ଧିବନା ବାନ୍ଧିବନା—

ଯଦି ଏତେ ଗୋ ସରମ ଲାଗେ
ତୁମ ଗୁନ୍ଥିବନା ଗୁନ୍ଥିବନା

ଏଇ ନୀରବ ନିଜନ ମୋର
ମନେ ଦିଏ ଯଦି ବ୍ୟଥା ଘୋର
ଭାଷାରେ ବା କେଉଁ ସୁରେ କହିବନା,
ତୁମ ରୂପର ଦୀପାଳୀ ଜାଳି
ଯେତେ କବିତା ଲେଖିଲି ଖାଳି,

କି ସାଧେ ମେ ତୁମ ପାଖେ ଗାଇବି ନା' ?
ଗାଇବିନା ଗାଇବିନା ।

ଯଦି ଏତେ ଗୋ ସରମ ଲାଗେ
ତୁମ ଗୁନ୍ଥିବନା ଗୁନ୍ଥିବନା ।

ସ୍ୱଚ୍ଛନ୍ଦରେ ତୁମେ ଚଳ ଧରଣୀର ଧୂଳି ପଥେ,
ଗିରିପ୍ରାନ୍ତ ମଧ୍ୟମାନେ ଚପଳ ଚରଣ ପାତେ,
ଏଣୁ ଗୌରବ ନନ୍ଦନ ଡାଳି
ତୁମ ଚୂଡ଼ରେ ଧାରନ୍ତା କାଳି
କଣ୍ଟା ମେ ପଥେ କେତେଁ
ଛୁଇବନା ଛୁଇବନା,
ଯଦି ଏତେ ନିଗା ସରମ ଲାଗେ
ଫୁଲ ଗୁନ୍ଥିବନା ଗୁନ୍ଥିବନା।
ଯେଉଁ ଅହଂକାର ହିଁ, ଯେବାକୁ କଣ୍ଟା ଦେବ
ମାଗିନେଲ ଆଧାରଣା, ମନେ ମୁଁ ଯେ ପରାଜିତ।
ମୋର ଗଳର ନନ୍ଦନ ପାଇ
ଯଦି ତୁମକୁ ଲାଗିଛି ଯାଇ
ନୀଚ ଅନାମେ ମୂର୍ଦ୍ଧି ମନେ
ଦେବ ପାଶୁଁ ପରମରେ—
କିଛୁ ଗୁନ୍ଥିବନା ଗୁନ୍ଥିବନା।
ଯଦି ଏତେ ଦୋ ସରମ ଲାଗେ
ଫୁଲ ଗୁନ୍ଥିବନା ଗୁନ୍ଥିବନା।

କ୍ଷଣକର ଅନ୍ୟମାନେ ଯଦି ଭୁଲ ଥାଏ ବୁଝି
ତୁମ ଅସମ୍ପୂର୍ଣ୍ଣାବସ୍ଥା ନାହିଁ ପାରୁଥାଏ ସୁଝି।
ତୁଏ ଯଦି କେତେ ଦିନେ ଦ୍ୱିବାର ଅବକାଶ
ତୁମ ମନେ ସମ୍ପୃକ୍ତ ମୋ, ତୁମକୁ ଲଜ୍ଜା ଆସେ,

ତେବେ ଗୁଞ୍ଜନ ଦେବ ତୋଳି
                    ସେପାଛୁ ଲଭିଲ ପରମ ଦାଗ,
ଦେଖିବ ଭ୍ରମର ଗଣେ
                    ମୋର ନୀରବ-ଗୁଞ୍ଜାଣୀ-ରାଗ,
ଏଥି ନୀରବ ଗୁଞ୍ଜାଣୀ ବାଟେ
ତୁମ ଆନତ ନୟନ କୋଣେ
ଝରୁଏ ସୁଖା ଅଶ୍ରୁ
                    ଛଇବନା ଛଇବନା—
ଯଦି ଏତେ ଗୋ ପରମ ଲଗେ
                    ଝୁଣ ଗୁଞ୍ଜିବନା ଗୁଞ୍ଜିବନା ।

# ମରମ ଗୀତ

ମରମ ଗୀତଟି ହଜିଗଲା ମୋର
ଏହି ବନ ମର୍ମରେ,
ଫେରିବ ଆଉ ମୁଁ ପାଇବି ତାହାରେ
ସମୀରଣ ଥର ଥରେ,
ଏହି ବନ ମର୍ମରେ ।

ପକ୍ଷିଗଣ ତାର ମୂର୍ଚ୍ଛନା ଟିକି ଏହି ଯେ ସୁରଭିତଳେ,
ଝିଲ୍ଲିଗଣ ତାର ମୃଦୁ ଝଙ୍କାର ଶ୍ୟାମଳ ଦୁର୍ବାଦଳେ,
ଝର ଝର, ମର ମର,
ବନ ବିତାନରେ ତର ତର,
ଢଳ ଢଳ ଜଳ ବିନ୍ଦେ ମୋ ପ୍ରାଣ ରସାଣିତ ବର୍ମରେ ।
ମରମ ଗୀତଟି ହଜିଗଲା ମୋର ଏହି ବନ ମର୍ମରେ ।

ବନ୍ଧ ଆଜି ମୋ ଗୀତି ଆଲାପନ
ଯାହାର ଛନ୍ଦ ବିନା,
ବେଦନା ଖାଲି ମୋ ସାଧନା ପଥରେ
ବିଦ୍ଧ ମର୍ମ କଣା ।
ପଲେ ପଲେ, ଆଖି ଛଳେ,
ଅଶ୍ରୁ ଜଥାର ଅର୍ଗଳେ
ବାଣୀହୀନ ମୂକ ଛନ୍ଦ ପଡ଼େ ଝଡ଼ି, ଧାଇଁ ଅତଳରସରେ,
ମରମ ଗୀତିଟି ଲୁଚିଗଲା ମୋର ଏଇ ବନ ମର୍ମରେ ।

କେଉଁ ସ୍ମରଣେ ମୋର ଲିଭୁ ଉଠିଲା
ପୂର୍ଣ୍ଣିମ ଜେହ୍ନା ଅ– ନା ଲୋ'—
କେଉଁ ଗାନ ଫୁଲ ଭରିଲା ତାହାରେ
ସ୍ପନ୍ଦି ଗଲେନା ଅପମାନେ ଲୋ—
ନାଚି ନାଚି, ଯୁଝି ଯୁଝି
ଢାଳି ଦେଇ ମୋର ଅନୁଭୂତି,
ଶୂନ୍ୟ ମଣ୍ଡଳେ ଲାଜି ଗଲା ଭରି—
ଚୂର୍ଣ୍ଣି ମୋ ଗରବରେ
ମରମ ଗୀତିଟି ଲୁଚିଗଲା ମୋର
ଏହି ବନ ମର୍ମରେ ।

# ଦମ୍ପତିର ଅର୍ଦ୍ଧନିଶା

ନିସ୍ତବ୍ଧ ରଜନୀ ବୁକେ ସର୍ବେ ନିଦ୍ରାଗତ
ଏକାଇ ଦମ୍ପତି ଏବେ ଅଛନ୍ତି ଜାଗ୍ରତ;
ଜ୍ୱଳନ୍ତ ପ୍ରଦୀପ ଶିଖା ତୈଳ କ୍ଷୟ କରେ
କ୍ଷଣ ପରେ କ୍ଷଣ ବଢେ ଅର୍ଦ୍ଧନିଶା ପରେ ।

ରସିକତା ଭରି, ଧରି ଆକର୍ଷି ବସନ
ଅପାଙ୍ଗ ଦୃଷ୍ଟାକ୍ଷେପଣ ଶର, ନେତ୍ର ଶରାସନ,
—"ରାତି ହେଲା ଅର୍ଦ୍ଧ କିନ୍ତୁ ନିଦ୍ରା ନାହିଁ ଆସେ
କୁହ କଥା ପ୍ରିୟତମ ?"—ଅର୍ଦ୍ଧାଙ୍ଗୀ ଜିଜ୍ଞାସେ ।

ମାନସ ସରସୀ ନୀରେ ବୁଡ଼ି ପ୍ରାଣନାଥ,
ଦେଖନ୍ତି ଅବା କି କାନ୍ଥାର ଘନ ଛାୟାପାତ—
ଅବା ଏହି ଅଭାଗିନୀ ଶ୍ରୀଚରଣ ତଳେ
କରିଛି କି ଅପରାଧ ଯାର ସ୍ମୃତି ବଳେ,

ଏଡ଼ାଇଛ ନିଦ୍ରା କ୍ଲାନ୍ତ କର ସ୍ପୃଷ୍ଟି ମଥା,
ସୋହାଗ ସେନେହ ଭରା ନୟନ୍ଥୁଛି କଥା ।
ମିଷ୍ଟହାସେ କହେ କାନ୍ତ ଧରି ପ୍ରିୟା କର,—
—“ସନ୍ଦେହବଶ ତୁମେ ବଡ଼ ମୋତେ କ୍ଷମା କର;
ବିଳମ୍ବି ହୋଇଛି ସତ୍ୟ, ଫେରି ଅଛି ଦୂରେ
ନିଦ୍ରାର ନିର୍ଜୀବ ସ୍ବପ୍ନ ଅନ୍ଧକାର ପୁରେ ।
ଜାଣ ପ୍ରିୟେ ? ଜ୍ୟୋତିର୍ମୟ ଉତ୍ସବର ତଟେ,
କାର୍ଯ୍ୟବ୍ୟସ୍ତ ସଦା ମୁହିଁ ସୁଖ ନାହିଁ ଲଭେ ।
ଆନନ୍ଦର ମଧ୍ୟସ୍ଥନେ ଜାଗେ କୋଳାହଳ,
ବିଶ୍ବର ଅନନ୍ତ-ଧାରା ଜଞ୍ଜାଳ ସକଳ,
ବିବେକର ଆନ୍ଦୋଳନେ ଘୂରିଯାଏ ମଥା,
ଚେତନାର ସ୍ତରେ ସ୍ତରେ ଖେଳେ ଅସ୍ଥିରତା,
ନାହିଁ ଅବସର ତିଳେ, ଶ୍ରାନ୍ତ କ୍ଲାନ୍ତ ପଥେ,
ବାହୁଡ଼ିବାକୁ ହୁଏ ସଖି କର୍ତ୍ତବ୍ୟର ରଥେ,
ଭୁଲିଯାଏ ତୁମ ରୂପ ଯାବନ୍ତଳ ଗତି
ତୁମ ପ୍ରୀତି ସମ୍ଭାଷଣ, ସେବା ଶାନ୍ତିମତି,
ଗୃହେଁ ମୁଁ ସଞ୍ଚରି ଯେବେ ଧୈର୍ଯ୍ୟ ପଡ଼େ ଟଳି,
ଦିଏ ଗୋ କର୍ତ୍ତବ୍ୟ ମୁଖେ ସବୁ ଜଳାଞ୍ଜଳି ।
ପ୍ରାଣ ଭରା ପିପାସା ଗୋ ଲଙ୍ଘିଅଛି ସୀମା,
ଆଜି କିନ୍ତୁ ସଖୀ, ମୋର ମୃଣ୍ମୟୀ ପ୍ରତିମା,
ତୋଳି ଦିଅ ସଧୀରେ ସେ ଅବଗୁଣ୍ଠନଟି,
ମୁକ୍ତ କର କପୋଳ ଜଘନ ଖୀଣ କଟି,

ଫିଙ୍ଗି ଦେଅ ଗୃହ ତଳେ ଲଜ୍ଜା ଆଭରଣ,
ଫୁଟି ଉଠୁ ଯୌବନ ନଗ୍ନତା ଛନ ଛନ ।
ଅନ୍ତରର ଜ୍ୟୋତ୍ସ୍ନୋଲ୍ଲାସ ସ୍ନିଗ୍ଧ ରୂପ ତଳେ,
ଆକୁଳ କମ୍ପନ ତୁମ ମୁକ୍ତ ହୃଦୟା ପରେ,
ଶୀତ୍କାର ଅଳସ ଅଙ୍ଗେ ବ୍ୟଗ୍ର ତନୁ ଭରୁ,
ପ୍ରୀତି ସଙ୍ଗେ ରୋମାଞ୍ଚନ ଗୌର ଚର୍ମୋପରୁ ।

ସ୍ୱପ୍ନାମୋଦେ ତନ୍ଦ୍ରା ତୁମ ଢଳ ଢଳ ଆଖି
ଅଥୟ ପିପାସା ଯାଉ ପ୍ରେମ ସୁରେ ଭାସି ।
ଉଚ୍ଛୁଳିତ ପ୍ରବାହ ଚେ ସର୍ବ ଅବୟବେ,
ଅଧୀର ବିହ୍ୱଳେ ଯୌନ ବିଜୟ ଗରବେ ।

ଆସ ପ୍ରିୟେ ଅଙ୍କେ ମୋର ପ୍ରୀତି ଭୋଳେ ଢଳ,
ଆଜି ଏହି ଅର୍ଦ୍ଧ ନିଶା ନହେଉ ବିଫଳ ।
—"ଦେହୋ ବୁଦ୍ଧିଲ ବୁଦ୍ଧିଲ ଉଦ୍ଦେଶ୍ୟ ମହତ"
ଧୂର୍ତ୍ତ ହସି, କହେ ପତ୍ନୀ ମଥା ଅବନତ ।

"ଅଜ୍ଞାତ୍ୟଙ୍କୁ କରିବାକୁ ଏହି ଅଳ୍ପ କଥା,
ଜାଗିଥିଲ ଅନ୍ତରେ ଏ ଦୀର୍ଘ ଜୀବନତା ?
ଦାମ୍ପତ୍ୟ ସାଗ୍ର ଜନ ଯେଉଁ ଉଦ୍ରେକ,
ଗହ୍ୱର ଯାମି ବାସରେ ରହନ୍ତୁ ଉଦ୍ରେକ ?

ସଖ୍ୟ ଜନ ତନ୍ଦ୍ରାଣୀରେ, କ୍ଲାନ୍ତି କେଉଁ ଶର
ତଳେ ନାହିଁ ସ୍ପର୍ଶ କରେ ବଦନ ତାଙ୍କର ?
ଢଳେ ନାହିଁ ନିଦ୍ରା ପୁଣି ନୟନ ପଲ୍ଲବେ,
ନାହିଁ ଘର୍ମ ଗୀତା; ଦୃଷ୍ଟ ଜଡ଼ ଅବୟବେ ।

"ଚରଣ କମଳ ତୁଳ ଲମ୍ବାକ୍ତ ତଳକୁ,
ଅଙ୍ଗା ଖୋସଣୀରେ ଖୋସି ଭାମ ଲଦ୍ଦପରୁ ।

ତୃପ୍ତି ଦିଏ ଗାନ ତେଣେ ହେଉଛି ଗଭୀର,
କାମବାଣ ଯାଙ୍କୁ ଖାଲି କରୁଛି ଅଧୀର—"
ଖିଲି ଖିଲି ହସ ହସି ଉଠିଲା ଭିତରେ,
ପ୍ରିୟତମ ପଦଯୁଗ ନଚାଇ ଅଙ୍କ ପରେ ।
ତୃପତି ସଧୀରେ ମୌନା-ବିମୁଗ୍ଧା କାମିନୀ,
ତା ଘର କଙ୍କଣୁ ଆସେ କ୍ଷୀଣ ପଦ-ଧ୍ୱନି ।
କିନ୍ତୁ ଏ ଅର୍ଦ୍ଧ ନିଶାର ଏ କିବା ସ୍ମରଣ,
ବିମୋହିତା ଅର୍ଦ୍ଧାଙ୍ଗିନୀ ଆକୁଳ ଅବଶ,—
ହୋଇ ଆସେ ମନ୍ଦ ବେଗ ଗୁପ୍ତ ଗୁପ୍ତ ପାଦ,
ଗୋପନ କମ୍ପନ ଆସି ଲଗାଏ ବିବାଦ ।
ପ୍ରିୟ କହେ—"କୁହ ପ୍ରିୟେ ମୁଁ ସିନା କାରଣ,
କାମନା-ସ୍ୱପ୍ନ-ରେଣୁରେ ଧୂଳି ଧୂସରିତ ।
ତୁମେ କ୍ଷମା ମୋ ସଙ୍ଗରେ ଅଛ ଜାଗର,
କମ୍ପନ ଦୀର୍ଘ ଶ୍ୱାସରେ ବକ୍ଷ ଜର ଜର ?
ପ୍ରିୟା କହେ—"ମୁଦ ଆଖି, ମୁଁ ଶୋଇଲି ଏଥି ।"
"ଶୋଇବି ମୁଁ ଏକମାତ୍ର ଉଷ୍ଣ ସ୍ପର୍ଶ ନେଇ,—
ଅଧରେ ସୁନାଇ, ତୁମ—" ପ୍ରିୟ କହେ ଢାଳି,
ଏ ଆଦର ସମ୍ଭାଷଣ ନେଇନି ଦିଏ ଟାଳି ।
ପ୍ରିୟା କହେ—"ଅମାନିଆ ତୁମେ ବଡ଼ ଚୋର,
ତୁମ ପାଖେ ଗୋପନତା କିବା ଅଛି ମୋର ?
ତୁମେ ଯେ ଗୋ ପ୍ରିୟତମ ଏ ଦେହର ଯନ୍ତା,
ତୁମ ଅନ୍ୱେଷଣ ଲାଗି ବାଜେ ପ୍ରାଣେ ବାଜା ।
ତୁମେହିଁ କଳ୍ପନା, ଆଶା, ଅନ୍ୱେଷଣ ମମ,
ତୁମେହିଁ ଦେବତା, ପୂଜ୍ୟ, ପୁଣ୍ୟ-ମୋକ୍ଷ-ଧାମ ।
ଆଲିଙ୍ଗନ ଦିଅ ପ୍ରିୟ କରନ୍ତି ଚୁମ୍ବନ,
ନେଇ ଉଠେ ମିଶିଯାଏଁ ଆମେ ଦୁଇ ଜଣ

# ପ୍ରତିମା ବିସର୍ଜନ

ହେ ପ୍ରତିମା !

ଘେନ ଆଜ ବିସର୍ଜନ ଗଭୀର ସଲିଳେ,
ଅନ୍ତରର ଉଦ୍ଦୀପନା ସୁପ୍ତ ହ୍ରଦର ଲୁପ୍ତ ହେଉ ତଳେ ।
ଯୌବନର ସ୍ୱପ୍ନାମୋଦେ ଦେଖିଥିଲି ତୁମ ତନୁଲତା,
ବିଶ୍ୱର ସୌନ୍ଦର୍ଯ୍ୟ ଯାଚେ ଅନୁଭବି ତୁମ ସରସତା ।
ରୂପର ପୂଜାରୀ ମୁହିଁ ରଚିଥିଲି ପୂଜାର ସମ୍ଭାର,
କେ କେତେ କରିଲେ ବ୍ୟଙ୍ଗ, ପ୍ରତିବାଦ ବ୍ୟାଘାତ ଅପାର
[illegible]କ ପାଶୁଁ ଶୁଣିବାକୁ କରିଥିଲି ଦୃଢ ଅଭିଳାଷ,
ଘେନିଛ ମୋ ପ୍ରେମ-ଅର୍ଘ୍ୟ ମାନସର କଳ୍ପନା-ବିଳାସ ।
ସମର୍ଥନ କରିଛ କି ହୃଦୟର ଗୋପନ ବାରତା,
ଏ ପ୍ରଶ୍ନର ପ୍ରତ୍ୟୁତ୍ତର ଦେଉ ତୁମ ଶାନ୍ତ ନୀରବତା ।
ଜୀବନ୍ତ-ପ୍ରତିମା ସମ ତଥାପି ଗୋ ସୁନ୍ଦରୀ ବାଳିକା,
ଭାବିଥିଲି ତୁମ ସଙ୍ଗେ ଖେଳିବାକୁ ରଙ୍ଗ-ପୁତ୍ତଳିକା ।
ଆଜୀବନ ବକ୍ଷେ ଧରି ସୁଲଳିତ ତୁମ ତନୁ-ଭାର,
ରଚିବି ମୁଁ ରୂପବନେ ସୁରଭିତ ପ୍ରେମ-ଅଭିସାର ।

ଜାଣିଲି ସେ ଦିନ ପ୍ରିୟେ, ତୁମେ ମୋର ଚିର ପ୍ରିୟତମା
ସୁନ୍ଦର ଚନ୍ଦ୍ରିକା ସମ ନାଶିବ ମୋ ହୃଦୟର ଅମା ।
ଅରପିବା ପୂର୍ବୁ ଯେବେ ତୁମ ପଦେ ମୋ ପୂଜା ସୁମନ,
ତୋଳି ନେଇ ଲଜ୍ଜାଭରେ କରିଥିଲ ଅଳକ ମଣ୍ଡନ ।

କିନ୍ତୁ ସଖୀ ମିଥ୍ୟାସ୍ୱପ୍ନ କୋଳାହଳ ନିନ୍ଦାବାଦ ଶୁଣି
ନିରର୍ଥକ ହେଲା ମୋର କଳ୍ପନାର ଗୃହ ଯାଏ ପୁଣି
ନଳଭୂଣ୍ଡୁ ତୁମ ପାଶୁଁ ମନୋମତ ପ୍ରିୟା-ପ୍ରୀତି-ସୁଧା,
ତୁମେ ଥିଲ ବହୁ ପଛେ ହେମନ୍ତାକୁ ନବ ପ୍ରେମ-ଲୁବ୍ଧା
ପିତା ମାତା ଭାଇ ବନ୍ଧୁ ଫିଙ୍ଗିଦେଲେ ମୋର ସୁଖକଳିକା,
ଛିନ୍ନ କରି ଦଳିଦେଲେ ମୋ ପୂଜାର କୁସୁମ ମାଳିକା ।

ଦୁର୍ଦ୍ଦାନ୍ତ ସମାଜ ହେଲା କୁଚକ୍ରର ଅନୁମାନେ ଭୁଲି,
ଆଶାମୟୀ ମୂର୍ତ୍ତି ବକ୍ଷେ ଉତ୍ପୀଡ଼ନେ ଭସାଇଲା ତରୀ ।
ସହିବାକୁ ହେଲା ତାହା ନୀରବରେ ସବୁ ବ୍ୟଥା ଘାତ,
ନିରଳସ ପ୍ରାଣେ ଜାଗି ଉଠିଲା ଗୋ ଶିଥିଳତା ଭ୍ରାନ୍ତି ।
ନବଳିଲା ଦୁଃସାହସ ବିମ୍ବର ଦୃଢ ଅଭିଯାନେ,
ତୁମେତ ନଥିଲ ବସି ଜାତ୍ରିକର ଦୀପ୍ତମନ୍ତ୍ର ଯାନେ ?

ନୀରବିଲା ବକ୍ଷସ୍ଥଳେ ପ୍ରଣୟର ଉଦ୍ଦୀପ୍ତ ବେଦନା,
ଅନ୍ତରେ ପ୍ରକଟି କଦା ହେଲା ପୁଣି ନିର୍ଦ୍ଦୟ ଯାତନା,
ନପାରିଲି ସହି ସଖି, ଦୁର୍ନିବାର ବାସନାର ଦାବ,
ତୁମରି ମୋହିନୀ ମୂର୍ତ୍ତି ପ୍ରାଣେ ଘୋର କ୍ଳେଶ ଦିଏ ଭାବ,
ଅନ୍ତରର ଅର୍ଘ୍ୟ ହେଇ ନୀରବ ନୈରାଶ୍ୟ ମନ୍ତ୍ର ଗାଇ,
ଦେଲି ଆଜି ବିସର୍ଜନ, ବିସ୍ମୃତିର ଗରଭେ ଭସାଇ ।

ସଖୀ ମୋର, ପ୍ରିୟା ମୋର ଲୁଚିଯାଅ ଅନ୍ତରାଳେ କାହିଁ,
ଘୃଣିଯାଅ ବନ୍ଧୁ ଦୂରେ ସ୍ମୃତି ତୋତେ ନପାରୁ ବଞ୍ଚାଇ ।

# ପାପ-ଫଳ

କେତେଥର ଯେ ମୁଁ କହିଅଛି ଏ ଜୀବନେ ମିଛ କଥା,
କେତେଥର ତା କହିବି ପଛେ ଅଛି ଅବା କି ସ୍ଥିରତା ?
ଅଶେଷ କରିଛି ଗର୍ବ ଧନିକର ଗୁଣଗାନେ
ଘୃଣା କରିଅଛି ଆନେ ମାନି କ୍ରୋଧ ଅଭିମାନେ ।
ନିରେଖିଛି ଛଳ ଛଳ ରମଣୀର ରୂପ-ଭୂଷା
ମନ କୋଣେ ଜାଗିଛି କେତେ ଇନ୍ଦ୍ରିୟର ଭୋଗ-ତୃଷା ।
ପରଦାର, ପର କନ୍ୟା, ପର ଭଗ୍ନୀ ସତୀ ପ୍ରତି,
ଆକୁଳ ବୁଭୁକ୍ଷା ନେଇ ଅସଂଯତେ ହୋଇ ବ୍ରତୀ ।
ପୋଷିଅଛି ନଷ୍ଟ-ଆଶା, କାମାସକ୍ତ ଅପକର୍ମ,
ପାପର ଗଭୀର ପଙ୍କେ ଦଳିଅଛି ପୁଣ୍ୟଧର୍ମ ।
କେତେଥର ଯେ ମୁଁ ଦେଇଅଛି ଆନମନେ ଗୁରୁବ୍ୟଥା—
କ୍ଷୁଦ୍ରଜନେ କହିଅଛି ଅଶ୍ଳୀଳ-କଠୋର କଥା ।
କର୍କଶ କହିଛି କଥା, ଅସହାୟ ଦୁଃଖୀ ଜନେ,
ଦେଖାଇଛି ନିଷ୍ଠୁରେ, ସ୍ୱାର୍ଥାନ୍ଧ ଅଧିକାରୀ ଗଣେ ।

ଏହାକି ମୋ ନିଜ ଦୋଷ ? ଦାୟୀ କଣ ମୁଁ ହିଁ ଏକା ?
ପାଇବାକୁ ପରିତ୍ରାଣ ଉପାୟ କି ନାହିଁ ଲେଖା ?
ସୁବିଚାର କଷ୍ଟସ୍ଥଳେ ନାହିଁ କିଛି ପଥ ନାହିଁ ?
ଶାସ୍ତି ହେବ ଭୋଗିବାକୁ ସ୍ୱକୃତ କରମ ପାଇଁ ।
ନିତାନ୍ତହିଁ ଅନିବାର୍ଯ୍ୟ ଚିରନ୍ତନ ବିଶ୍ୱଗତ
ତା' ତହିଁ ନାହିଁରେ କିଛି ଉଦ୍ଧାରର ଚିନ୍ତାଶକ୍ତି ?
ପିତା ମାତା **ପତି ପତ୍ନୀ** ଭାଇ ବନ୍ଧୁ ପରିମିତ,
ଏଥି ଗୃହୁଁ ପରିବାର—ଏହିଠାରେ ମୀମାଂସିତ,
ମଣିଷର ସାରା ଦୋଷ ଦୁର୍ବିନୀତ ଅପକର୍ମ,
ଏହି ସେ ବିଚାରାଳୟ ଦଣ୍ଡମୟ ଗୃହ ଧର୍ମ ।
ଏହିଠାରେ ପୁରସ୍କୃତ ଜୀବନର ଦୀପ୍ତ-ଭାଗ,
ଏଠାରେହିଁ ଝଲସିତ ବ୍ୟକ୍ତିତ୍ୱର ସ୍ୱର୍ଣ୍ଣରାଗ ;
ଏ ଜନ୍ମରେ ଏହି ବିଶ୍ୱ ଏହି ସ୍ୱର୍ଗ ନର୍କ ପୁରୀ ।
ବାଜେ ଏଥି ମଧ୍ୟ ଘୋର ନରକର ଭୀମ ତୂରୀ ।
ଏହି ସ୍ଥାନ ଶୁଣିବାକୁ ଜୀବନର ଶେଷ ଚକ୍ର
ଲଘୁ ଦୋଷେ ନାହିଁ ନାହିଁ ଲଭିବାକୁ ତଳେ ମୁକ୍ତ ।
ଯେ ଯାହାର କର୍ମ ଲାଗି ମାରେ ଏଥି ବୈଫିସୃତ,
ରୁକ୍ଷ କାଳ-ବିଚାରକ ଠାର ପୁରାତନ ମତ—
ପ୍ରକାଶି ବ୍ୟାଦାନ କରେ ଭୟଙ୍କର ମୁଖଦ୍ୱାର
ପାପୀର ଘୃଣିତ ଅଙ୍ଗ ଦଂଶେ ସେହୁ ବାର ବାର ।
ଆର୍ତ୍ତନାଦେ ଭୋଗେ ପାପୀ ଦଂଶନ ତା ପଳେ ପଳେ,
କାଳ, ସେ ଯେ ନିଷ୍ପାପର ଧଏ ବନ୍ଦୀର ଗଳେ ।

ପକ୍ଷପାତ ନାହିଁ ତାର ରଜା, ଧନୀ, ଜ୍ଞାନୀ ପାଇ,
ସମ-ଦୃଷ୍ଟି-ରେଖା ସଦା ସମାନ୍ତରେ ଅଛି ଗୃହିଁ ।
ଲୌହ ଭଳି ଅଟେ ଶକ୍ତ ତା' କଠିନ ବକ୍ଷ ସ୍ଥଳ,
ତହିଁ ପରେ ବହେ ଅବା କରୁଣାର ସୁଧା-ଝର ।
ବୁଜି ଆସେ ଆଖି ମୋର କମ୍ପି ଉଠେ ହୃଦ ଅଙ୍ଗ,
ଚିନ୍ତାକରେ ଶେଷ କ୍ଷଣେ ଜୀବନର ଶେଷ ଗତି ।
କେମନ୍ତେ ସହିବ ପ୍ରଭୋ, ଘୃଣିତ ମୋ କର୍ମଫଳ,
ତୁମେହ ତ ଜାଣ ସବୁ ଅଭାଗାକୁ ଦିଅ ବଳ ।

# ବନ୍ଧୁର-ପଥ-ସାଥୀ

ବନ୍ଧୁର ପଥ ପାବୁଣେ
ମୋତେ ଏକେଲା ଗଲ କି ଛାଡ଼ି
ଥକି ପଡ଼େ ମୋର ଚରଣ
ପୁଣି ଆଖି ପଡ଼େ ମାଡ଼ି ମାଡ଼ି ।
ନିରଜନ ଏହି ସରଣୀ
କାହିଁ ସାହା ସାଥୀ କେହି ନାହିଁ,
ଏକାକି ପକାଇ ମଝିରେ
ତୁମେ ତହାକେ ରହିଲ କାହିଁ ?
ମାଡ଼ିଆସେ ଘନ କୁହେଳି
କୃଷ୍ଣ ସନ୍ଧ୍ୟା ସଘନ ସ୍ତି,
ଭୀମ ଗରଜନ ଚୌଦିଗେ
ଦେଖ ହିଂସ୍ର ଉଠେ ମାତି ।
ନିତି ଆସେ ଏହି ପଥରୁ
ଦେଖି କ୍ଷୀଣ ଆଲୋକର ମାୟା,
ସରବେ ଝିମିର ଗରବେ
ଆସି ଲୁଗ୍ନନ୍ତି ଆପଣା କାୟା ।

ଚଳେ ଆଉ ପଥ ବଢ଼େ ନା
ଏଥି ଶରୀର ମୋ ଢଳି ପଡ଼େ
କୋଳାହଳ ଆଉ ନଶୁଭେ
ଏବେ ଥମଚେ ମୁଁ ପଥକଢ଼େ ।
ଏହି ପଥ ଧାରେ ଯାଇଛ
ତୁମେ ସୁନାର ତରଣୀ ବାହି,
ଜମନ୍ତ ତୁମକୁ ଭେଟିବ
ଆଉ ପଥ ଯେ ବଢ଼ଇ ନାହିଁ ?
କେତେ ଦୂର ତାହା ଆରମ୍ଭ
ଅବା କାହିଁ ତାର ଶେଷ ସୀମା,
ସବୁକ ସେ ଅଜଣା ରହିଲ
ସବୁ ଢାଙ୍କିଲ ଏ କାଳିମା ।
ଶୁଣି ଆସେ ନାର ନୟନୁ
ମୋର ଜଉ ଆସେ ଆଶା ଦୀପ,
ଫାଟି ଯାଉଛି ଏ ହୃଦୟ
କବା ଭୁମିକମ୍ପେ ଅନ୍ତରୀପ ।
ପଦେ ନାହିଁ ଆଉ ଶକତ
ଚଳେ ବାହିବାକୁ ଏଥି ପଥ,
ନାହିଁ ନାହିଁ ଆଉ ଯୌବନ
ନାହିଁ ଉଦ୍ଦାମ ମନୋରଥ ।
କୁଲାଇ ଆଣିଲ ଏ ଦେଶେ
କବା କୁହୁକ ସପନେ ଡାକ ?
ଅମୃତ ଅଞ୍ଜନ ପରଶେ
ଛିଁ ମୁଦିଲ ମୋ ଦୁଇ ଆଖି ।
ଏହିତ ଗଭୀର ନିଦ୍ରା
ଆସି ବୁଲାଏ ନୟନେ କର

ହଜିଯେ ଯାଉଛି ଚେତନା
ପ୍ରିୟ କାହିଁ ଅଛ ଏବେ ଧର ।
ଜାଣେ ମୁହିଁ ତୁମେ ସୁଦୂରେ
ଦେଖି ହସୁଛ ମୋ ହଟହଟା,
ଏହାକି ମୋହର ପରୀକ୍ଷା
ଅବା ଇଙ୍ଗିତେ କରୁଛ ଥଟା ।
ତଥାପି ହେ ମୋର ନିର୍ମମ,
ତୁମେ ବେଦନା ଦେଇଛ ଆଣି,
ସେହି ମୋର ଶୁଭ ଲଗନ
ସେହି ମୋ ପ୍ରଭୁ ଆଶୀଷ ବାଣୀ ।
ପ୍ରିୟ ଠାରୁ ପ୍ରିୟତର ଯେ
ତହିଁ ତୁମେ ମୋର ପ୍ରିୟତମ,
ତୁମେ ଯେ ବେଦନା ସାନ୍ତ୍ୱନା
ତୁମେ ନୈରାଶ୍ୟ ଆଶା ମମ ।
ଏହି ରୂପେ ଅବା ପକାଇ
କର ପଙ୍ଗୁ, ବଧୀର ଅନ୍ଧ,
ତୁଟାଇବ ବ୍ୟବଧାନ ହେ
ମୋର ଭାଙ୍ଗିବ ବେଦନା ବନ୍ଧ !
ତୁମର ମଙ୍ଗଳ କାମନା
ସଖା ସଫଳ ହେଉ ଏ ପ୍ରାଣେ,
ଚିରନ୍ତନ ତୁମେ ଆଜ ମୁଁ
ଏକ ଅଚିରାୟୁ ବୋଲି ଜାଣେ ।

# ସେ ଆଉ କେତେ ଦିନ ?

ଆଶାଫୁଲ ମୋର ଫୁଟିବ କେବେ ଗୋ
ତୁମ ସୌରଭ ଭରି ।
କେବେ ଗୋ ତୁମରି କରୁଣା ପଡ଼ିବ
ଶିର ପରେ ମୋର ଝରି ?
ଆକାଂକ୍ଷା ମୋର କେତେ ଦିନ ପ୍ରିୟ
ତୁମରି ଆଲୋକ ଲଭି,
ନିର୍ମଳ ହେବ ହୃଦୟ ଆକାଶେ
ଉଇଁବ ତୁମରି ଛବି ?
ବାଜିବ କେବେ ଗୋ ଚିରନ୍ତନ
ତୁମ ଗଭୀର ସ୍ନେହ ସୁରେ,
ଉନ୍ମାଦ ତୁମ ବଂଶୀ ବାଜିବ
ଜୀବନ ମୋର ପୁରେ ।
କେଉଁ ଦିନ ମୋତେ ଟାଣିନେବ ପ୍ରିୟ
ତୁମରି ଚରଣ ତଳେ,
କେବେ ଗୋ ମୋହର ପ୍ରଣୟ ମାଳିକା
ପଡ଼ିବ ତୁମରି ଗଳେ ।

ତୁମରି ପରଶ ସଞ୍ଚାରି ମୋତେ
ପାରିବ ପାଗଳ କରି ।
ତୁମ ସଙ୍ଗୀତେ କେବେ ଗୋ ପରାଣ
ନାଚିବ ପୁଲକେ ଥରି ।
କମଳ ଆସନ ରଚିବ କେବେ ଗୋ
ମୋ ହୃଦ-ସରସୀ-ଜଳେ,
ବକ୍ଷେ ଚୁପିବ ଆପଣାର ଜନେ
ଅସୀମ ପ୍ରଣୟ ବଳେ ।
ଆଲିଙ୍ଗନ ତବ ସେ କେଉଁ ନିଶୀଥେ
ସନ୍ତାପ ମୋର ନେବ,
ହାସ୍ୟ ମଧୁର ନିଥର ଅଧରେ
ଚୁମ୍ବନ ମୋତେ ଦେବ ?
କେତେଦିନେ ଆଉ ଡାକିନେବ ମୋତେ
ନିହାତି ତୁମରି ପାଶେ ?
ବସିଅଛି ଚାହିଁ ଦିନ ରାତି ନାହିଁ
ସେହି କ୍ଷଣିକର ଆଶେ ।
ତୁମରି ବିରହ-ବ୍ୟବଧାନ ଆଜି
କରି ଦିଏ ଉଦାସୀନ,
ସାଫଲ୍ୟ ତୃପ୍ତି ଲଭିବାକୁ ବାକି
ଅଛି ଆଉ କେତେ ଦିନ ?

— ସମାପ୍ତ —